

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ବୁଧବାର ୦୨ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 FEBRUARY 2022
Vol.No. 33 ■ No. 31 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


# ବଜେଟରେ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

## 'ପିଏମ ଗତିଶକ୍ତି ମାଷ୍ଟର ପ୍ଲାନ' ଘୋଷଣା



ନୂଆଦିଲ୍ଲୀ, ୦୧/୦୨ : ଚଳିତ ବର୍ଷ ବଜେଟରେ ଭିତିଭୂମିର ବିକାଶ ଓ ସୁଦୃଢ଼ିକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି କେନ୍ଦ୍ର ସରକାର । ଏଥିପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟର ପ୍ଲାନ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଏହି ଯୋଜନାରେ ରେଳ, ସଡକ, ଭଳି ୧୬ଟି ମନ୍ତ୍ରାଳୟକୁ ଡିଜିଟାଲ ପ୍ଲାଟଫର୍ମକୁ ଆଣି ବଡ ପ୍ରକଳ୍ପର ବିକାଶ ପାଇଁ ଲକ୍ଷ୍ୟ ରଖିଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ ଉପସ୍ଥାପନ ଅବସରରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟର ପ୍ଲାନ ଘୋଷଣା କରିଛନ୍ତି । ଯାହାର ମୂଳ ଉଦ୍ଦେଶ୍ୟ ଦେଶରେ ଯୋଗାଯୋଗର ଭିତିଭୂମିର ବିକାଶ ଓ ସୁଦୃଢୀକରଣ । ରେଳ, ସଡକ ସମେତ ୧୬ଟି ମନ୍ତ୍ରାଳୟକୁ ଗୋଟିଏ ଡିଜିଟାଲ ପ୍ଲାଟଫର୍ମକୁ ଅଣାଯାଇ ବଡ ପ୍ରକଳ୍ପ ପାଇଁ ସବୁ ମନ୍ତ୍ରାଳୟ ମଧ୍ୟରେ ସମନ୍ୱୟ ରଖାଯିବ । ବଜେଟରେ ଭିତିଭୂମି ବିକାଶକୁ ଗୁରୁତ୍ୱ । 'ପିଏମ ଗତଶକ୍ତି ମାଷ୍ଟର ପ୍ଲାନ' ଘୋଷଣା । କେନ୍ଦ୍ରୀୟ ବଜେଟ ୨୦୨୨-୨୩ରେ ପିଏମ ଗତିଶକ୍ତି ମାଷ୍ଟର ପ୍ଲାନ ପାଇଁ ୧୦୭ ଲକ୍ଷ କୋଟି ବ୍ୟୟବରାଦ କରିଛନ୍ତି ମୋଦି ସରକାର । ଏହି ପ୍ରକଳ୍ପ ଅଧୀନରେ ସଡକ, ରେଳ ପଥ ଓ ଜଳ ପଥର ଭିତ୍ତିଭୂମି ନିର୍ମାଣ କରାଯିବା ସହ ଯୋଗାଯୋଗରେ ବଡ ଧରଣର ପରିବର୍ତନ ଅଣାଯିବ । କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି, ଆର୍ଥିକ ବର୍ଷ ୨୦୨୨-୨୩ରେ ନିର୍ମାଣ ହେବ ୨୫,୦୦୦ କିମି ହାଇୱେ, ଜାତୀୟ ରାଜପଥ ସଂପ୍ରସାରଣ ବାବଦକୁ ୨୦,୦୦୦ କୋଟି ବ୍ୟୟବରାଦ, ଆଗାମୀ ୩ ବର୍ଷରେ ୧୦୦ ନୂଆ କାର୍ଗୋ ଟର୍ମିନାଲ ବିକଶିତ କରାଯିବ, ୨୦୨୨-୨୩ରେ ୮ଟି ନୂଆ ରୋପ-ୱେ ପିପିପି ମୋଡରେ ନିର୍ମାଣ, ପିଏମ ଗତଶକ୍ତି ଯୋଜନାରେ ୪୦୦ ବନ୍ଦେ ଭାରତ ଟ୍ରେନ ଚଳାଚଳ, 'କବଚ୍' ଯୋଜନାରେ ୨ ହଜାର କିମି ବିଶ୍ୱସ୍ତରୀୟ ରେଳପଥ ନିର୍ମାଣ, ଆଗାମୀ ୩ ବର୍ଷରେ ୧୦୦ ପ୍ରଧାନମନ୍ତ୍ରୀ ଶକ୍ତି କାର୍ଗୋ ଟର୍ମିନାଲ ନିର୍ମାଣ । ରେଳ ପଥ ଭିତ୍ତିଭୂମୀର ବିକାଶ ଉପରେ ଜୋର ଦେବା ସହ ଛୋଟ ବ୍ୟାପାରୀ ଓ ଚାଷୀଙ୍କୁ ଆଖିରେ ରଖି ଗମନାଗମନ ଓ ପରିବହନ ▶▶ପୃଷ୍ଠା ୭

## କ'ଣ ହେଲା ଶସ୍ତା, କ'ଣ ହେଲା ମହଙ୍ଗା

ନୂଆଦିଲ୍ଲୀ, ୦୧/୦୨ ଆସନ୍ତା ଆର୍ଥିକ ବର୍ଷରୁ ଶସ୍ତା ହେବ ମୋବାଇଲ, କୃଷି ଉପକରଣ, ହୀରା ଗହଣା, କପଡ଼ା ଓ ଚମଡ଼ା ସାମଗ୍ରୀ । ମୋବାଇଲ୍ ଚାର୍ଜର, ଇମିଟେସନ୍ ଗହଣା ଓ ରତ୍ନ ପଥର ବି ଶସ୍ତା ହେବ । କିନ୍ତୁ ମହଙ୍ଗା ହେବ ମଦ, ଖାଇବା ତେଲ, ଏଲଇଡି ଲାଇଟ୍ ଓ ବିଦେଶି ଛତା । ଏପ୍ରିଲ ୧ରୁ ଆରମ୍ଭ ହେବ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ୍ । ନୂଆ ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ସାଧାରଣ ଲୋକଙ୍କ ଖର୍ଚ୍ଚ ତାଲିକାରେ ଅନେକ ପରିବର୍ତନ ହୁଏ । ଆଉ ଏପ୍ରିଲରୁ କଣ ଶସ୍ତା ଏବଂ ମହଙ୍ଗା ହେବ ସେନେଇ ଆଜି ବଜେଟରେ ଘୋଷଣା କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । କୋଭିଡ ମହାମାରୀ ଭିତରେ ପୁଣି ଥରେ ବଜେଟ ଆଗତ କରିଛନ୍ତି ନରେନ୍ଦ୍ର ମୋଦୀ ସରକାର । ଦେଶକୁ ଡିଜିଟାଲ ଇଣ୍ଡିଆରେ ପରିଣତ କରିବା ପାଇଁ ଏବଂ ବଜେଟର ବ୍ୟୟବରାଦ ହୋଇଥିବା ଅନେକ ଘୋଷଣାକୁ ଆଖି ଆଗରେ ରଖି ସରକାର ଅନେକ ଜିନିଷର ଦର ଦାମ କମ୍ ବେଶୀ କରିଛନ୍ତି । ପ୍ରଥମେ ନଜର ପକାନ୍ତୁ କଣ ଶସ୍ତା ହେବ । କପଡା, ହୀରା, ମୋବାଇଲ୍ ଫୋନ୍, ମୋବାଇଲ ଫୋନ୍ ଚାର୍ଜର, କ୍ୟାମେରା ଲେନ୍ସ ଫର୍ ମୋବାଇଲ୍ ଫୋନ୍, ▶▶ପୃଷ୍ଠା ୭

## ବନ୍ଦେ ଭାରତ ଟ୍ରେନ ବଡ ଉପଲବ୍ଧି ହେବ : ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ, ୦୧/୦୨ ରେଲୱେ ବଜେଟକୁ ନେଇ ସାମ୍ବାଦିକ ସମ୍ମିଳନୀ କରିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏନେଇ ସେ କହିଛନ୍ତି, ରେଲୱେ ଏକ ସାଗର, ଏଠାରେ ସମସ୍ତଙ୍କର ସ୍ଥାନ ରହିଛି । ବାର୍ଷିକ ୮୫୦ କୋଟି ଯାତ୍ରୀଙ୍କୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଇଛି । ଦେଶର ଅର୍ଥନୀତିରେ ବଡ ପ୍ରଭାବ ଆଣିବ ବଜେଟ । ବନ୍ଦେ ଭାରତ ଟ୍ରେନ ଯାତ୍ରୀଙ୍କ ପାଇଁ ବଡ ଉପଲବ୍ଧି ଆଣିବ । ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକଚରିଂକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ଉଦ୍ୟୋଗୀଙ୍କ ସାମଗ୍ରୀ ବିକ୍ରିରେ ବଡ ଭୂମିକା ନେବ ରେଳବାଇ । ଡିଜିଟାଲ ଇଣ୍ଡିଆକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି । ୧ ଲକ୍ଷ ୩୭ ହଜାର କୋଟି ରେଳ ବଜେଟ । ଟ୍ରେନରେ ଯାତ୍ରୀଙ୍କୁ ସମସ୍ତ ବୈଷୟିକ ସୁବିଧା ମିଳିବ । ୩ ବର୍ଷରେ ୪୦୦ ବନ୍ଦେ ଭାରତ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ବନ୍ଦେ ଭାରତକୁ ଲୋକେ ଗ୍ରହଣ କରୁଛନ୍ତି, ୯୫% ସିଟ୍ ପୂରା ହେଉଛି ବୋଲି କହିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

## ମହାମାରୀ ଭିତରେ ବିକାଶ ପାଇଁ ବିଶ୍ୱାସ ଜନ୍ମାଇଛି ବଜେଟ : ପ୍ରଧାନମନ୍ତ୍ରୀ

### ଅର୍ଥବ୍ୟବସ୍ଥା ମଜବୁତ ହେବ, ନୂଆ ନିଯୁକ୍ତି ସୃଷ୍ଟି କରିବ



ନୂଆଦିଲ୍ଲୀ, ୦୧/୦୨ : ୨୩ ଆର୍ଥିକ ବର୍ଷ ପାଇଁ ଆସିଛି ବଜେଟ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ ଆଗତ କରିଛନ୍ତି । ବିଭିନ୍ନ କ୍ଷେତ୍ର ପାଇଁ ନୂଆ ନୂଆ ଘୋଷଣା ସହ ଆଗତ ହୋଇଛି ବଜେଟ । ଆଉ ସାଧାରଣ ଲୋକଙ୍କ ପାଇଁ ଏଭଳି ଏକ ବଜେଟ ଆଣିଥିବାରୁ ଅର୍ଥମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ବଜେଟ ଆଗତ ପରେ ମୋଦୀ କହିଛନ୍ତି, ମହାମାରୀ ଭିତରେ ବିକାଶ ପାଇଁ ବିଶ୍ୱାସ ଜନ୍ମାଇଛି ଏହି ବଜେଟ । ଏହା କେବଳ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବନି ବରଂ ଦେଶକୁ ଆଗକୁ ନେବାକୁ ନୂଆ ଅବସର ସୃଷ୍ଟି କରିବ । ବିଭିନ୍ନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବ ଏହି ବଜେଟ । ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କାଶ୍ମୀର, ଉତ୍ତରପୂର୍ବ ଅଞ୍ଚଳ ପାଇଁ ପ୍ରଥମଥର ପର୍ବତମାଳା ଯୋଜନା ଆରମ୍ଭ କରାଯାଇଛି । ଏହା ପାହାଡିଆ ଅଞ୍ଚଳରେ ଆଧୁନିକ ବ୍ୟବସ୍ଥାର ନିର୍ମାଣ କରିବ । ଏହାଛଡା କୃଷକ ମାନଙ୍କ କଲ୍ୟାଣ ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଯାଇଛି । ଏହାଛଡା ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗର ଗଙ୍ଗା ନଦୀ କୂଳରେ ରସାୟନମୁକ୍ତ ଫାର୍ମିଂକୁ ପୋତ୍ସାହନ ଦିଆଯିବ । ଯାହାଦ୍ୱାରା ଗଙ୍ଗା ନଦୀକୁ ରସାୟନମୁକ୍ତ କରାଯାଇପାରିବ । ଏହାସହ ଏମଏସପି ବାବଦକୁ ଚାଷୀଙ୍କୁ ୨.୨୫ ଲକ୍ଷ କୋଟି ଟଙ୍କା ଦିଆଯିବ । ଯାହା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବ । ଏହାଛଡା ଅନେକ ନୂଆ ଯୋଜନା ଅଣାଯାଇଛି ଯାହାଦ୍ୱାରା କେବଳ ବିକାଶ ନୁହେଁ ବରଂ ଯୁବବର୍ଗଙ୍କୁ ବେଶ ସୁହାଇବ ।

## ରାଜ୍ୟରେ ଆଉ ୧୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୬୨୯ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୪ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅପରପକ୍ଷରେ ପୁରୀ ଓ ଖୋର୍ଦ୍ଧାରୁ ୨ ଜଣ ଲେଖାଏଁ ମୃତକ ଅଛନ୍ତି । ଏଣେ ଅନୁଗୁଳ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, ଜଗତସିଂହପୁର ଓ ରାୟଗଡ଼ା ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଥିବାର ସୂଚନା ମିଳିଛି ।

## ଖୁବଶୀଘ୍ର ୫ଜି ସ୍ପେକ୍ଟ୍ରମ ନିଲାମୀ ନେଇ ନିର୍ମଳା ସୀତାରମଣଙ୍କ ସୂଚନା

ନୂଆଦିଲ୍ଲୀ, ୦୧/୦୨ ମଙ୍ଗଳବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି କି ଘରୋଇ ଦୂର ସଂଚାର ସେବା ଯୋଗାଉଥିବା କମ୍ପାନୀମାନଙ୍କ ପାଇଁ ୨୦୨୨-୨୩ ମଧ୍ୟରେ ୫ଜି ମୋବାଇଲ ସେବା ଆରମ୍ଭ କରିବାକୁ ଆବଶ୍ୟକ ସ୍ପେକ୍ଟ୍ରମ ନିଲାମ ହେବ । ସୀତାରମଣ କହିଥିଲେ କି ନିଲାମ ପରେ ଉପଭୋକ୍ତାମାନଙ୍କୁ ୫ ଜି ବ୍ୟବହାର କରିବାକୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିବ । କହିରଖୁ କି ଅର୍ଥମନ୍ତ୍ରୀଙ୍କ କହିବା ମୁତାବକ ଚଳିତ ବର୍ଷ ୫ଜି ସ୍ପେକ୍ଟ୍ରମର ନିଲାମୀ ହେବ ଓ ଚଳିତ ବର୍ଷ ଟେଲିକମ୍ କମ୍ପାନୀମାନଙ୍କୁ ▶▶ପୃଷ୍ଠା ୭

## ମୁମ୍ବାଇରୁ ହଟିଲା ନାଇଟ୍ କର୍ଫ୍ୟୁ

ମୁମ୍ବାଇ, ୦୧/୦୨ (ନି.ପ୍ର): କୋଭିଡ୍ ମହାମାରୀ ପାଇଁ ମହାରାଷ୍ଟ୍ରରେ ଲାଗୁ ହୋଇଥିବା କଟକଣାକୁ କୋହଳ କରାଯାଇଛି । ସେହି ଅନୁଯାୟୀ ମୁମ୍ବାଇରେ ନାଇଟ୍ କର୍ଫ୍ୟୁକୁ ହଟାଇ ଦିଆଯାଇଛି । ସୋମବାର ମୁମ୍ବାଇରେ ଦୈନିକ ମାମଲା ୧୦୦୦କୁ ଖସି ଆସିଛି । ଏହା ପରେ କଟକଣା କୋହଳ ନେଇ ବିଚାର କରାଯାଇଥିଲା । ସେହିପରି ମଙ୍ଗଳବାର ଦେଶରେ ଦୈନିକ ମାମଲା ୨ ଲକ୍ଷରୁ କମ ରେକର୍ଡ଼ କରାଯାଇଛି । ନୂଆ ଗାଇଡଲାଇନ୍ ଅନୁଯାୟୀ ମହାରାଷ୍ଟ୍ରରେ ନାଇଟ କର୍ଫ୍ୟୁକୁ ହଟାଇ ଦିଆଯାଇଛି । ସେହିପରି ରେଷ୍ଟୁରାଣ୍ଟ ଏବଂ ଫିଲ୍ମ ହଲକୁ ୫୦ ପ୍ରତିଶତ କ୍ଷମତାରେ ଖୋଲିବାକୁ ଅମୁମତି ଦିଆଯାଇଛି । ସ୍ୱଭାବିକ



ସମୟରେ ବିଚ୍, ଗାର୍ଡେନ ଏବଂ ପାର୍କ ଖୋଲିବାକୁ ଅନୁମତି ଦିଆଯାଇଛି । ସୁଇମିଂ ପୁଲ, ୱାଟେର ପାର୍କ ୫୦ ପ୍ରତିଶତ କ୍ଷମତାରେ ଖୋଲିବାକୁ ଅନୁମତି ଦିଆଯାଇଛି । ରେଷ୍ଟୁରାଣ୍ଟ, ଥିଏଟର, ନାଟ୍ୟଗୃହ ୫୦ ପ୍ରତିଶତ କ୍ଷମତାରେ ଖୋଲିବାକୁ ଅନୁମତି ଦିଆଯାଇଛି । ସେହପରି ପେଣ୍ଡାଲ ଓ ହଲରେ ଭଜନ, ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟମକୁ ୫୦ ପ୍ରତିଶତ କ୍ଷମତାରେ ଅନୁମତି ଦିଆଯାଇଛି । ୨୫ ପ୍ରତିଶତ କ୍ଷମତାରେ କିମ୍ବା ୨୦୦ ଲୋକଙ୍କୁ ବିବାହ କାର୍ଯ୍ୟ ଚାଲି ପାରିବ । ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଯାତ୍ରାପରିବହନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଖେଳ ଓ ହର୍ସ ରେସିଂରେ ୨୫ ପ୍ରତିଶତ ଦର୍ଶକରେ ଚାଲିବାକୁ ଅନୁମତି ଦିଆଯାଇଛି । ସାପ୍ତାହିକ ହାଟ ଖୋଲିବାକୁ ସ୍ୱାଭାବିକ ସମୟ ଧାର୍ଯ୍ୟ କରାଯାଇଛି ।

## ବର୍ଷା ସମ୍ଭାବନା, ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ପଶ୍ଚିମା ଝଡ଼ ଆଗମନର ଆଶଙ୍କା ଓ ବଙ୍ଗୋପସାଗର ଅଂଚଳରୁ ରାଜ୍ୟକୁ ପ୍ରବେଶ କରୁଥିବା ଜଳୀୟବାଷ୍ପ ପ୍ରଭାବରେ ଫେବୃଆରୀ ୩ ତାରିଖରୁ ରାଜ୍ୟରେ କିଛି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ୪ ତାରିଖରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ଅନୁମାନ କରାଯାଉଛି । ଏହାଛଡ଼ା ଗୋଟିଏରୁ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଂଚଳିକ



ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁସାରେ ଫେବୃଆରୀ ୩ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ▶▶ପୃଷ୍ଠା ୭

## ନକଲି ଇନକମ ଟ୍ୟାକ୍ସ ଅଫିସର ହୋଇ ଲୁଟିନେଲେ ୨୫ ଲକ୍ଷ ଟଙ୍କା

ବିହାର, ୦୧/୦୨ : ଫିଲ୍ମ ଷ୍ଟାଇଲରେ ଲୁଟିନେଲେ ୨୫ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ଜୁଏଲାରୀ । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବିହାରର ଲକ୍ଷିସିରାୟ ଅଞ୍ଚଳରେ । ଏଠାରେ ବାଲି ଠିକାଦାରଙ୍କ ଘରେ ରେଡ କରିଥିଲେ କିଛି ଚତୁର ଲୁଟେରା । ସେମାନେ ନକଲି ଇନକମ ଟ୍ୟାକ୍ସ ଅଫିସର ହୋଇ ରେଡ କରିଥିଲେ । ଆଉ ସବୁ ଟଙ୍କା ଗହଣା ନେଇ ସେଠାରୁ ଅତି ଚାଲାକର ସହ ଚମ୍ପଟ ମାରିଥିଲେ । ପରେ ପରିବାର ଲୋକ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ । ସିସିଟିଭିରେ ଲୁଟେରାଙ୍କ କାରନାମା କଏଦ ହୋଇଛି । ତେବେ ଏହାକୁ ଆଧାର କରି ପୋଲିସ ଲୁଟେରାଙ୍କ ପାଖରେ ପହଞ୍ଚିବାକୁ ପ୍ରୟାସ ଆରମ୍ଭ କରିଛି । ସୂଚନା ଅନୁସାରେ ବାଲି ଠିକାଦାର ସଞ୍ଜୟ କୁମାର ସିଂଙ୍କ ଘରେ ୫ ଜଣ ପୁରୁଷ ଓ ୨ ଜଣ ମହିଳା ସ୍କୋର୍ପିଓରେ ପହଞ୍ଚିଥିଲେ । ସେମାନେ ଘରେ ହତିଆର ଥିବା କହି ରେଡ ଆରମ୍ଭ କରିଥିଲେ । ସେମାନେ ନିଜକୁ ଇନକମ ଟ୍ୟାକ୍ସ ଅଫିସରର ପରିଚୟ ଦେଇ ତାଙ୍କଠାରୁ ଆଲମାରୀ ଚାବି ନେଇଯାଇଥିଲେ । ଆଉ ୨୫ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ଗହଣା ଲୁଟିନେଇଥିଲେ ।

## କେନ୍ଦ୍ରୀୟ ବଜେଟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନାପସନ୍ଦ



ଭୁବନେଶ୍ୱର, ୦୧/୦୨ (ନି.ପ୍ର): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ସଂସଦରେ ୨୦୨୨-୨୩ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି ବଜେଟ୍ ରେ ଟେକ୍ନୋଲୋଜି ଓ ଭିତିଭୂମି ଉପରେ ଫୋକସ୍ ଦିଆଯିବା ପ୍ରଶଂସନୀୟ କରିଛନ୍ତି । କରୋନା ମହାମାରୀ ସମୟରେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତା ମାଧ୍ୟମରେ ମତ ଦେଇଛନ୍ତି । ତେବେ କେନ୍ଦ୍ରୀୟ ବଜେଟ୍ ରେ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟୟବରାଦ୍ ହ୍ରାସ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନାପସନ୍ଦ କରିଛନ୍ତି । କୃଷି ଓ କୃଷକ ବିକାଶ, ଉଚ୍ଚଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ବ୍ୟୟବରାଦ ହ୍ରାସ ହୋଇଛି । ଏହା ବିକାଶ ଉପରେ ପ୍ରଭାବ ପକାଇବ । ସେହିପରି ମନରେଗାରେ ବ୍ୟୟବରାଦ ହ୍ରାସ ଯୋଗୁଁ ଗରିବ ଲୋକେ ପ୍ରଭାବିତ ହେବେ । ଏନ୍ଏଫ୍ଏସ୍ଏ ଅନ୍ତର୍ଗତ ଖାଦ୍ୟ ସବ୍‌ସିଡିରେ ବ୍ୟୟବରାଦ ହ୍ରାସ ପାଇଛି । ଏହା ଦ୍ୱାରା ଚାଷୀ ପ୍ରଭାବିତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଦର ବୃଦ୍ଧି ଯୋଗୁଁ ମଧ୍ୟବିତ ଶ୍ରେଣୀ ଓ ଗରିବ ଶ୍ରେଣୀର ଲୋକେ ବହୁ ପ୍ରଭାବିତ ହୋଇଛନ୍ତି । ବଜେଟ୍ ରେ ଏହା ଉପରେ ଉଲ୍ଲେଖ କରାଯାଇନାହିଁ । ଏଲ୍‌ପିଜି ଗ୍ୟାସ ଦର ବୃଦ୍ଧି ଯୋଗୁଁ ଲୋକଙ୍କର ଆର୍ଥିକ ପରିସ୍ଥିତି ବିଗିଡ଼ିଛି । ▶▶ପୃଷ୍ଠା ୭

## କଂଗ୍ରେସର ଷ୍ଟାର ପ୍ରଚାରକ ତାଲିକାରେ ଗୁଲାମ, ସଚ୍ଚିନ ପାଇଲଟ୍

ନୂଆଦିଲ୍ଲୀ, ୦୧/୦୨ : ୟୁପିରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଷ୍ଟାର ପ୍ରଚାରକ ତାଲିକ ଘୋଷଣା କରାଯାଇଛି । ଘୋଷଣା ହୋଇଥିବା ୩୦ ଜଣିଆ ତାଲିକାରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଗୁଲାମ ନବୀ ଆଜାଦ୍ ଏବଂ ସଚ୍ଚିନ ପାଇଲଟ ଅଛନ୍ତି । ସେହିପରି ଅନ୍ୟ ନେତାଙ୍କ ମଧ୍ୟରେ ସଲମନ୍ ଖୁର୍ସିଦ, ଭୁପିନ୍ଦର ସିଂ ହୋଡ଼ା, ଦିପେନ୍ଦ୍ର ହୋଡ଼ା, ରାଜ ବାବର, ରାଜୀବ ଶୁକ୍ଳା, ଅଶୋକ ଗେହେଲେଟ୍, ବର୍ଷା ଗାଇକୱାର୍ଡ଼, କହ୍ନେୟା କୁମାର ଏବଂ ପ୍ରନିତି ସିନ୍ଧେ ପ୍ରମୁଖଙ୍କ ନାମ ରହିଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଜାନୁଆରୀ ୨୮ ତାରିଖରେ ଥିଲା । ଫେବୃଆରୀ ୧୦ରୁ ଉତ୍ତରପ୍ରଦେଶ ନିର୍ବାଚନ ଆରମ୍ଭ ହେବ । ଏଥିରେ ୭ଟି ପର୍ଯ୍ୟାୟରେ ମତ ଦାନ ହେବ । ମାର୍ଚ୍ଚ ୧୦ରେ ଗଣତି ହେବ । ପୂର୍ବରୁ କଂଗ୍ରେସ ପକ୍ଷରୁ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀତାଲିକା ଘୋଷଣା ହୋଇଛି । ଯେଉଁଥିରେ ମୋଟ ୬୧ ଜଣ ପ୍ରାର୍ଥୀ ତାଲିକା ଥିବା ବେଳେ ସେଥିମଧ୍ୟରୁ ୨୪ ଜଣ ମହିଳାଙ୍କୁ ମୈଦାନକୁ ଓହ୍ଲାଇଛି ଦଳ । ବିଲାସପୁରରୁ ବରିଷ୍ଠ କଂଗ୍ରେସ ନେତ୍ରୀ ଶିଖା ପାଣ୍ଡେଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଶ୍ରୀ ନଗରରୁ ପ୍ରାର୍ଥୀ ହୋଇଛନ୍ତି ଚାନ୍ଦିନୀ । ସେହିଭଳି ଧୋରାହରାରୁ ଜିତେନ୍ଦ୍ରୀ ଦେବୀ, ବିସୱାନରୁ ବନ୍ଦନା ଭାର୍ଗବ, ସାରେନୀରୁ ସୁଧା ଦ୍ୱିବେଦୀ, କେମଗଞ୍ଜରୁ ଶକ୍ନୁଲତା ଦେବୀ, ଭୋଜପୁରରୁ ଅର୍ଚନା ରାଢୌର୍, କନ୍ନୌଜରୁ ବିନୀତା ଦେବୀ, ଗୋବିନ୍ଦନଗରରୁ କରିସ୍ମା ଠାକୁରଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି । ସେହିଭଳି ଅନ୍ୟ ବିଧାନସଭା କ୍ଷେତ୍ରରେ ଅନେକ ଯୁବକଙ୍କୁ ଦଳ ଟିକେଟ୍ ଦେଇଛି ।

## ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ଜରିମାନା

ନୟାଗଡ, ୦୧/୦୨ (ନି.ପ୍ର): ୨୦୧୬ ମସିହାରେ ଘଟିଥିବା ସମିତି ସଭ୍ୟ ହତ୍ୟା ମାମଲାରେ ଆଜି ରାୟ ପ୍ରକାଶ ପାଇଛି । ନୟାଗଡ଼ ଜିଲ୍ଲା ଦୌରାଜଜ୍ ମାମଲାକୁ ବିଚାର କରି ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି । ଏଥିସହ ଜରିମାନା ମଧ୍ୟ କରିଛନ୍ତି । ୨୦୧୬ ମସିହା ଫେବ୍ରୁଆରୀ ୧୩ ତାରିଖରେ କେନ୍ଦୁଢ଼ିପି ସମିତି ସଭ୍ୟ ନକୁଳ ବାଣ୍ଡ ବାଇକରେ ଗାଁକୁ ଫେରୁଥିଲେ । ତେବେ କେସ୍ତପଡ଼ା ଶ୍ମଶାନ ପାଖରେ ତାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା । ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ । ପରେ ତାଙ୍କ ଆଖି ତାଡ଼ି ଦେଇଥିଲେ । ଫଳରେ ନକୁଳଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ପରିବାର ଲୋକେ ଇଟାମାଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ମାମଲା ରୁଜୁ କରି ଖଇରପଟି ଗାଁର ବସନ୍ତ ସିଠ, ଭଗବାନ ଦଳବେହେରା, ଶୁକଦେବ ରାଉତ, ପ୍ରକାଶ ପରିଡ଼ା, ଶେଷଦେବ ନାୟକ, ଶୁଭ୍ରାଶ୍ମୀ ରାଉତ ଓ କେନ୍ଦୁଢ଼ିପି ଗ୍ରାମର ଧ୍ରୁବଚରଣ ଜେନାଙ୍କୁ ଗିରଫ କରିଥିଲା । ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି । ନୟାଗଡ଼ ଜିଲ୍ଲା ଦୌରାଜଜ୍ ମାମଲାକୁ ବିଚାର କରି ସାକ୍ଷୀଙ୍କ ବୟାନ ଓ ସାଇଣ୍ଟିଫିକ୍ ପ୍ରମାଣକୁ ଆଧାର କରି ଦୋଷୀଙ୍କୁ ଦଣ୍ଡିତ କରିଛନ୍ତି । କୋର୍ଟ ଆଜି ୭ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ସହ ଜଣକା ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି ।

# ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ପୋଲ ଲୋକଙ୍କ କାମରେ ଲାଗୁନି

ନୂଆପଡ଼ା,୧/୨ (ନି.ପ୍ର): ଗ୍ରାମାଂଚଳର ଲୋକଙ୍କ ଗମନାଗମନ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ସହ ପୋଲ ନିର୍ମାଣ କରୁଛନ୍ତି । ହେଲେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅଂଚଳପୁର-ଡୁଆଝର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ଡ଼ଙ୍କସର ନାଳ ଉପରେ ଦୀର୍ଘବର୍ଷ ହେବ ପୋଲ ନିର୍ମାଣ ହୋଇ ସାରିଥିଲେ ହେଁ ଦୁଇ ପାର୍ଶ୍ୱରେ ଏପ୍ରୋଚ ରାସ୍ତା ଏଯାଏଁ ନିର୍ମାଣ ହୋଇପାରିନଥିବାରୁ ସ୍ଥାନୀୟ ଲୋକମାନେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ନିର୍ମାଣ ପାଇଁ ସ୍ଥାନିୟ ଲୋକମାନେ ବାରମ୍ବାର ପ୍ରଶାସନକୁ ଜଣେଇ ଆସୁଛନ୍ତି । ହେଲେ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବାରୁ ସ୍ଥାନିୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଡଙ୍କସର ଗାଁ ହେଉଛି ଏକ ଆଦିବାସୀ ବହୁଳ ଗାଁ । ଏହି ଗାଁରେ ତିନି ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଏହି ଗାଁର ଲୋକମାନେ ମୁଖ୍ୟତଃ ଧାନ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ, ବିଡ଼ମ୍ବନାର ବିଷୟ ଯେ, ଡଙ୍କସର ଗାଁର ଅନ୍ୟ ପଟେ ସୁନ୍ଦର ନଦୀର ଏକ ଶାଖା ନାଳା ରହିଛି । ଡଙ୍କସର ନଦୀଟି ସୁନ୍ଦର ନଦୀର ଶାଖା ନାଳା ହୋଇଥିବାରୁ ବର୍ଷ ତମାମ ନାଳରେ ଜଳ ପ୍ରବାହିତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡ଼ଙ୍କସର ନାଳା ଉପରେ ବ୍ରିଜ ମଧ ନିର୍ମାଣ କରାଯାଇଛି । ହେଲେ ବ୍ରିଜର ଦୁଇପାର୍ଶ୍ୱରେ ଏପ୍ରୋଚ ରାସ୍ତା ଏଯାଏଁ ନିର୍ମାଣ ହୋଇପାରିନାହିଁ । ଯାହାଫଳରେ ବିପଦସଙ୍କୁଳ ଅବସ୍ଥାରେ ସ୍ଥାନିୟ ଲୋକମାନେ ବାଧ ହୋଇ ନାଳା ହୁଡ଼ା ଦେଇ କାଦୁଅ ସରସରରେ ସିବା ଆସିବା କରି ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ଷା ମାସରେ ପ୍ରତିଦିନ ଛାତ୍ରଛାତ୍ରୀମାନେ ସ୍କୁଲ ଓ କଲେଜକୁ ଯାତାୟତ କରୁଥିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସେହିଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଏହିଠାକୁ ଗାଡିଟିଏ ଡାକିଲେ ମଧ ବର୍ଷା ମାସରେ ଗାଁକୁ ପହଂଚି ପାରେନାହିଁ । ବ୍ରିଜର ଦୁଇ ପାର୍ଶ୍ୱରେ ରାସ୍ତା ନିର୍ମାଣ ପାଇଁ ସ୍ଥାନିୟ ଲୋକମାନେ ବାରମ୍ବାର ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣେଇ ଆସୁଛନ୍ତି । ହେଲେ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବାରୁ ସ୍ଥାନିୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତ ୩ ବର୍ଷ ତଳେ ଡଙ୍କସର ନାଳ ଉପରେ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତ୍ୟେକ୍ଷ ତତ୍ୱାବଧାନରେ ସାର୍କା ଯୋଜନାରେ ୨ କୋଟି ୧୨ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟରେ ପୋଲ ନିର୍ମାଣ କାମ ଶେଷ ହୋଇ ସାରିଛି । ହେଲେ ଖଡ଼ିଆଳ ପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଜମି ଅଧିଗ୍ରହଣ ହୋଇ ପାରିନଥିବାରୁ ଏଯାଏଁ ପୋଲର ଉଭୟ ପାର୍ଶ୍ୱରେ ନୂତନ ରାସ୍ତା ନିର୍ମାଣ ହୋଇ ପାରିନଥିବା ସ୍ଥାନିୟ ଲୋକମାନେ ଅଭିଯୋଗ କରିଛି । ଏନେଇ ସ୍ଥାନିୟ ଲୋକମାନେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣେଇବା ସହ ବ୍ରିଜର ଉଭୟ ପାର୍ଶ୍ୱରେ ତୁରନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ଡ଼ଙ୍କସର ଗ୍ରାମବାସୀ ଦାବି କରିଛନ୍ତି । ଅପରପକ୍ଷେ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜମି ଅଧିଗ୍ରହଣ ହେବା ପରେ ଖୁବ୍ ଶିଘ୍ର ରାସ୍ତା ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି ।

# ବିଜେଡିର ପଂଚାୟତ ସ୍ତରୀୟ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ମାଲକାନଗିରି,୧/୨ (ନି.ପ୍ର): ଆଜି ମାଲକାନଗିରି ବିଜୁ ଜନତା ଦଳ ତରଫରୁ ମାଲକାନଗିରି ବ୍ଲକ ସିନ୍ଦ୍ରିମାଳ ଗ୍ରାମ ପଞ୍ଚାୟତ ର ଡ୍ୟାମ୍ ସାଇଟ୍ ଠାରେ ପଞ୍ଚାୟତ ସ୍ତରୀୟ ନିର୍ବାଚନ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ମିଶ୍ରଣ ପର୍ବରେ ସିନ୍ଦ୍ରିମାଳ ଗ୍ରାମ ପଞ୍ଚାୟତ ର ୨୧ ଟି ୱାର୍ଡ ର ୩୦୦ ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଆଦିବାସୀ ନେତା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଙ୍କ ନେତୃତ୍ୱରେ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ସିନ୍ଦ୍ରିମାଳ ପଞ୍ଚାୟତ ର ସମସ୍ତ ଗ୍ରାମ ବାସୀଙ୍କୁ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଶ୍ରୀମତି କୁନି ଭୂମିଆ ଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି ଓ ଆଗାମୀ ଦିନରେ ଉକ୍ତ ଗ୍ରାମ ପଞ୍ଚାୟତ ର ସମସ୍ତ ଅସୁବିଧା ,ସତୀଗୁଡା ଇକୋ ପାର୍କ ପାଇଁ ଉନ୍ନତ ମାନର ପିଚୁ ରାସ୍ତା , ପିଇବା ପାଣି , ମୋବାଇଲ ଟାୱାର ଓ ସେଟେଲମେଣ୍ଟ ଘର ବାରି ପଟ୍ଟା ସମସ୍ତ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଜିର ଏହି ମିଶ୍ରଣ ପର୍ବରେ ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଘୁରାମ ମାଛ ଓ ଅନ୍ୟ ମାନଙ୍କ ମଧରେ ମାଲକାନଗିରି ପୂର୍ବତ୍ତନ ପୌର ପରିଷଦ କାଉନ୍ସିଲର ପେଣ୍ଡ୍ରା ପଣ୍ଡା ,ପୂର୍ବତ୍ତନ ମିଡ଼ିଆ ସଂଯୋଜକ ସଦାନନ୍ଦ ଖରା , ପୂର୍ବତ୍ତନ ବରିଷ୍ଠ ସରପଞ୍ଚ ଘାସି ନାୟକ ,ପୂର୍ବତ୍ତନ ଛାତ୍ର ସଭାପତି ରବି ରାଜେଶ ଯୁବ ନେତା ଅଖିଳ ପୂଜାରୀ , ରାଜ ନାୟକ ଓ ସିନ୍ଦ୍ରିମାଳ ଗ୍ରାମ ପଞ୍ଚାୟତ ର ରବି ପଢ଼ିଆରୀ , ଅଭୟ ପଢ଼ିଆରୀ, ରବୀନ୍ଦ୍ର ପାଙ୍ଗି, ଦେବାଶିଷ ମଣ୍ଡଳ, ରବିନ୍ଦ୍ର ମାଝୀ, ବଳରାମ ମାଝୀ , ରାମପ୍ରସଦ ନାୟକ , ରାମ ମଣ୍ଡଳ, କମଲୁ ବାଘ, ସାବିତ୍ରୀ ପାଙ୍ଗି, ବିମଳା ମାଡକାମୀ , ସଦନ ଖରା, ସବା ଚାରକି ଜୟାବ କୁମାର, ରାଧାମନ ଚାରକି , ରବିନ ସରକାର ପ୍ରମୁଖ ୩୦୦ ରୁ ଉର୍ଦ୍ଧ୍ୱ କଂଗ୍ରସ ଛାଡି ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।

# ରାଜନୀତି ମଇଦାନରେ ଗଦାଧର ଦାସ



ବାସୁଦେବପୁର,୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ର ଗୋବିନ୍ଦପୁର ଫଂଚାୟତ ରେ ବିଶିଷ୍ଟ ଶିକ୍ଷାବିତ ଗଦାଧର ଦାସ ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ସରପଞ୍ଚ ପ୍ରାର୍ଥୀ ଛିଡା ହୋଇଛନ୍ତି ଓ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ତାଙ୍କର ଚିହ୍ନ ମାଛ ଚିହ୍ନ । ୧୯୪୭ ମସିହାରେ ଶ୍ରୀ ଦାସ ଜନ୍ମଗ୍ରହଣ କରିଥିଲେ । କରଞ୍ଜ ଆଡ଼ିଆ ହାଇସ୍କୁଲ ରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଶ୍ରୀ ଦାସ ଅବସର ଗ୍ରହଣ କରି ନିଜର କାର୍ଯ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ସେ ଏକାଧାରରେ ଶିକ୍ଷାବିତ, ସାହିତ୍ୟିକ, ସମାଜସେବୀ ଓ ସଂଗଠକ । ଚଳିତ ନିର୍ବାଚନ ରେ ସେ ସରପଞ୍ଚ ପ୍ରାର୍ଥୀ ଭାବେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ଏହି ନିର୍ବାଚନ ରେ ବିଜୟ ଲାଭ କଲେ ସେ ନିଶ୍ଚିତ ଭୋଟର ଭାଇ ଭଉଣୀ ଙ୍କ ର ଥିବା ସମସ୍ୟା କୁ ସମାଧାନ କରିବେ ବୋଲି ପ୍ରକାଶ କରିଛନ୍ତି । ସମିତି ସଭ୍ୟ ଭାବେ ତାଲା ଚାବି ଚିହ୍ନ ରେ ଛିଡା ହୋଇଛନ୍ତି ସ୍ୱର୍ଣ୍ଣଲତା ବନ୍ଧ । ଏହି ପ୍ରାର୍ଥୀ ଦ୍ୱୟ ନିର୍ବାଚନ ରେ ଭଲ ଫଳାଫଳ କରିବେ ବୋଲି ମନରେ ଦୃଢ ଆଶା ବାନ୍ଧିଛନ୍ତି ।

# କେନ୍ଦୁଝରରେ ବନ୍ଧୁ ହତ୍ୟାକରୀଙ୍କୁ ମିଳିଲା ଆଜୀବନ କାରାଦଣ୍ଡାଦେଶ

କେନ୍ଦୁଝର ,୧/୨ (ନି.ପ୍ର): କେନ୍ଦୁଝରରେ ଜଣେ ହତ୍ୟାକାରୀ ବନ୍ଧୁଙ୍କୁ ମିଳିଛି ଆଜୀବନ କାରାଦଣ୍ଡର ଆଦେଶ । ଆଜି ଏଠାରେ କେନ୍ଦୁଝର ଜିଲ୍ଲା ଦୌରା ଜଜ କୋର୍ଟ ଦେଇଛନ୍ତି ଏହି ଆଦେଶ । ଏହି ଘଟଣାଟି ୨୦୧୭ ମସିହାରେ ଘଟିଥିଲା । କେନ୍ଦୁଝର ଜିଲ୍ଲାର ପାଟଣା ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଘଟିଥିଲା ଏହି ଘଟଣା । ସେହି ଗୋପୀନାଥପୁର ଗ୍ରାମରେ ସାଇବା ମୁର୍ମୁ ଓ ଦୁର୍ଗା ମାରାଣ୍ଡି ନାମରେ ବାସ କରୁଥିଲେ ଦୁଇ ବନ୍ଧୁ । କିନ୍ତୁ ଦୁର୍ଭାଗ୍ୟର କଥା ଯେ କେତେକ କାରଣକୁ ନେଇ ଦୁଇ ବନ୍ଧୁ ଙ୍କ ପରିବାର ମଧ୍ୟରେ ବହୁଦିନ ହେଲା ଝଗଡା ଲାଗି ରହିଥିଲା । ହତ୍ୟାକାଣ୍ଡ ଘଟିବା ଘଟଣା ଦିନ ଦିନବେଳା ଉଭୟ ସାଙ୍ଗଙ୍କ ମଧ୍ୟରେ ଗ୍ରାମ ଦାଣ୍ଡରେ ପ୍ରବଳ ଝଗଡା ଲାଗିଥିବା ଦେଖା ଯାଇଥିଲା । ଏବଂ ପରେ ପରେ ସେହିଦିନ ରାତ୍ରୀରେ ସାଇବା ତାର ସାଙ୍ଗ ଦୁର୍ଗାର ବେକକୁ ଏକ ଦଡୁଆ କଟୁରୀରେ କାଟି ହତ୍ୟା କରିଥିଲା ଏବଂ ମୃତ ଦେହକୁ ଦୁର୍ଗାଙ୍କ ଘର ସମ୍ମୁଖରେ ପକାଇ ପଳାଇ ଆସିଥିଲା । ଏହି ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ଦୌରା ଜଜ ଚିତ ରଞ୍ଜନ ମହାପାତ୍ର ଅଭିଯୁକ୍ତ ସାଇବାକୁ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଆଦେଶ କରିଛନ୍ତି ।ଏବଂ ଜୋରିମାନା ଅନାଦେୟ ଆଉ ଏକ ବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି ।

# ମଧୁସାଗର ଜଳାଶୟର ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା,୧/୨ (ନି.ପ୍ର): କେନ୍ଦ୍ରାପଡା ଟାଉନ ବଳରାମପୁର, ଭଗବାନପୁର ଓ ସୁନ୍ଦରାପାଳ ର ଗ୍ରାମାବାସୀ ମାନେ ପୌରାଂଚଳର ମଧୁସାଗର ଜଳାଶୟର ପୁନରୁଦ୍ଧାର ତଥା ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ନିମନ୍ତେ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି । ଦାବି ମୁତାବକ ପୁରାଣ ବର୍ଣ୍ଣିତ ତଥା ଐତିହ୍ୟ ସଂପନ୍ନ ମଧୁସାଗର ବହୁକାଳରୁ ଜିଲ୍ଲା ସନିକଟ ଲଳିତଗିରିରୁ ବାହାରି କେନ୍ଦ୍ରାପଡାରେ ଜଳାଶୟ ଭାବେ ରହି ଆସିଥିଲା । ଏହି ମଧୁସାଗର ଜଳାଶୟ ଯୋଗୁଁ ଆଖପାଖ ଅଂଚଳରେ ଭୂତଳ ଜଳସ୍ତର ବୃଦ୍ଧିପାଇ କୂଅ, ପୋଖରୀ ଆଦିରେ ପାଣି ସର୍ବଦା ଭରପୁର ରହି ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ମେଣ୍ଟାଉ ଥିଲା । ସ୍ଥାନୀୟ କିଛି ପ୍ରଭାବଶାଳୀ ଲୋକମାନେ ଏହି ମଧୁସାଗର କୁ ଦଖଲ କରି ପୋତି ପଟା ପାଉତି ହାସଲ କରି ଘରବାଡି ନିର୍ମାଣ କରିବାରୁ ମଧୁସାଗର ଜଳାଶୟ ତାର ଅସ୍ତିତ୍ୱ ହରାଇ ଦେଇଛି । ଯାହା ଫଳରେ ସ୍ଥାନୀୟ ଅଂଚଳରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ସ୍ଥାନୀୟ ଅଂଚଳରେ ବହୁ ଲୋକଙ୍କ ଘରେ ବର୍ଷାଜଳ ପ୍ରବେଶ କରୁଛି । ତେଣୁ ସ୍ଥାନୀୟ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ଏହାର ପୁନରୁଦ୍ଧାର କରିବା ସହିତ ପ୍ରାକୃତିକ ଜଳାଶୟର ସୁରକ୍ଷା ପାଇଁ ଓ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅଶୋକ କୁମାର ଗେରୁଙ୍କ ସମେତ କୃଷ୍ଣଚନ୍ଦ୍ର ପତି, ହୃଷିକେଶ ସାହୁ, ହରେକୃଷ୍ଣ ମହାରଣା, ରବିନ୍ଦ୍ର ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ରାସ୍ତା ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର ,୧/୨ (ନି.ପ୍ର): ରାସ୍ତା ପାଇଁ ଜୟପୁର ଉପଜିଲାପାଳ ଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ । ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରଡାଗୁଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଭାଲୁ ମହୁଲ ଠାରୁ ସିଉନା ପଦର ଗ୍ରାମ ୩ କିମି ରାସ୍ତା ନିର୍ମାଣ ହୋଇ ନାହିଁ । ଫଳରେ ସିଉନା ପଦର ଓ କଂଚାସର ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଜୟପୁର ଉପ ଜିଲାପାଳ ଙ୍କ ନିକଟରେ ଦାବୀ ପତ୍ର ପ୍ରଦାନ କରିଛନ୍ତି । ସମାଜସେବୀ ବି ହରିବାବୁଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରିଡାଗୁଡା ଗ୍ରାମପଂଚାୟତ ଅନ୍ତର୍ଗତ ଭାଲୁ ମହୁଲ ଠାରୁ ସିଉନାପଦରକୁ ଗମନା ଗମନ କରିବାକୁ କୌଣସି ରାସ୍ତା ବର୍ତମାନ ସୁଦ୍ଧା ହୋଇ ପାରି ନାହିଁ । ଭାଲୁ ମହୁଲ ଠାରୁ ସିଉନା ମଦର ପ୍ରାୟ ୩ କିମି ଦୁରତା ହୋଇଥିବା ବେଳେ ଉକ୍ତ ରାସ୍ତା କରିବା ପାଇଁ ଭାଲୁ ମହୁଲ, ସିଉନାପଦର, କଂଚାସର ଗ୍ରାମବାସୀ ମାନେ ବ୍ଲକ ପ୍ରଶାସନକୁ ବାରମ୍ବାର ଗୁହାରି କଲେ ମଧ ରାସ୍ତା ନିର୍ମାଣ ହୋଇ ନାହିଁ । ଏନେଇ ଗ୍ରାମବାସୀ ମାନେ ପଂଚାୟତ ନିବାଚନ ବର୍ଜନ କରିବାକୁ ଚେତାବନି ଦେଇଛନ୍ତି । ତେଣୁ ପ୍ରଶାସନ ଉକ୍ତ ରାସ୍ତା ନିର୍ମାଣ କଲେ ଚିର ଉପକୃତ ହେବେ ବୋଲି ପ୍ରଶାସନକୁ ଅନୁରୋଧ କରଛନ୍ତି ।

# ପଚାଂୟତ ନିର୍ବାଚନ ପୂର୍ବରୁ ଅବକାରୀ ଚଢ଼ଉ

## ୧୨୬୫ ଲିଟର ଦେଶି ମଦ ଜବତ : ୨୩ ଗିରଫ

ଗଞ୍ଜାମ,୧/୨ (ନି.ପ୍ର): ଆଗାମୀ ପଚାଂୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଧରପଗଡ଼ ଚାଲିଛି । ନିର୍ବାଚନ ସମୟରେ ବହୁଳ ମାତ୍ରାରେ ଚୋରାମଦ ବିକ୍ରୀ ହେବା ସହ ମଦକୁ ନେଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଜିଲ୍ଲା ଅବକାରୀ ବିଭାଗ ଏନେଇ ତତ୍ପର ହୋଇଉଠିଛି । ଗତ ଦୁଇ ଦିନ ମଧରେ ଜିଲ୍ଲାର ଭଞ୍ଜନଗର, ସୋରଡ଼ା, ବୁଗୁଡ଼ା ଓ ଖଲ୍ଲିକୋଟ ଅବକାରୀ ଥାନା ଇଲାକା ସମେତ ଆସିକା ନିକଟ କାଳଷଣ୍ଡପୁର, ଜଗନ୍ନାଥପଲ୍ଲୀ, ପାକଲାପଲ୍ଲୀ, ଠେଙ୍ଗାପଲ୍ଲୀ, ଗଣ୍ଡାପଲ୍ଲୀ, ସନ୍ତୋଷୀ ମା ଏରଗୋଲା ବସ୍ତି ଏବଂ ହିଞ୍ଜିଳିକାଟୁର ଚାନ୍ଦୁଲି ଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ୍ ୧୨୬୫ ଲିଟର ଦେଶି ମଦ ଜବତ ସହ ୧୩ ଶହ ଲିଟର ୩୩୫ ମି.ମି. ଗୁଡ଼ ମିଶ୍ରିତ ପୋଚ ନଷ୍ଟ କରାଯାଇଛି । ୬୭.୫ ଲିଟର ପାଉଚ୍ ମଦ ଜବତ ସହ ବେଆଇନ ଭାବେ ମଦ ବିକ୍ରୀ କରୁଥିବା ଅଭିଯୋଗରେ ୨୩ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଅତିରିକ୍ତ ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି । ଜବତ ମଦର ଆନୁମାନିକ ମୂଲ୍ୟ ୬ ଲକ୍ଷ ୬୬ ହଜାର ହେବ ବୋଲି ସୂଚନା ମିଳିଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ଉରେ ଛତ୍ରପୁର ଷ୍ଟ୍ରାଇକିଂ ଫୋର୍ସ ସହ ଆସିକା, ଭଞ୍ଜନଗର, ସୋରଡ଼ା ଓ ଖଲ୍ଲିକୋଟ ଅବକାରୀ ଅଧିକାରୀ ଏବଂ କର୍ମଚାରୀ ସାମିଲ୍ ହୋଇଥିଲେ । ଆଗାମୀ ଦିନରେ ମଧ ବେଆଇନ ମଦ ବିକ୍ରୀ ଉପରେ ଚଢ଼ଉକୁ ଜୋରଦାର୍ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

# ବିଧବାଶ୍ରମ ଛକରେ କୁଢ଼ କୁଢ଼ ବର୍ଜ୍ୟବସ୍ତୁ

## ପୋଡ଼ା ବର୍ଜ୍ୟବସ୍ତୁରୁ ବାହାରୁଛି ଦୁର୍ଗନ୍ଧ, ମଲାଶବରେ ପୋକ ସାଲୁବାଲୁ

ପୁରୀ,୧/୨ (ନି.ପ୍ର): ସକାଳୁ ସକାଳୁ ଶ୍ରୀକ୍ଷେତ୍ରର ସାହିଗଳି କନ୍ଦିରେ ସ୍ୱଚ୍ଛ ସବାରିରେ ଗୀତ ବାଜୁଛି । ସ୍ୱଚ୍ଛ ପୁରୀ ଗର୍ବ ଆମରି । ସେହି ସ୍ୱଚ୍ଛ ଗାଡ଼ି ସହରର ଗଳିଗନ୍ଦିରୁ ନେଉଥିବା ଅଳିଆ ଆବର୍ଜନାକୁ ସ୍ୱର୍ଗଦ୍ୱାର ବିଧବା ଆଶ୍ରମ ଛକ ନିକଟରେ ଥିବା ଖୋଲା ପଡ଼ିଆରେ ଗଦାକରୁଛି । ମଲା କୁକୁର, ମଲା ବିଲେଇ, ମଲା ପଶୁପକ୍ଷୀ ଓ ପ୍ଲାଷ୍ଟିକ,ପଲିଥିନ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଶବ ସେହିଠାରେ ପଡୁଥିବାରୁ ଅଂଚଳବାସି ଦୁର୍ଗନ୍ଧ ମଧ୍ୟରେ ବସବାସ କରୁଛନ୍ତି । ବେଳେବେଳେ ଆର୍ବଜନା ଗଦାରେ ନିଆଁ ଲଗାଇବାରୁ ସେଥିରୁ ଧୂଆଁ ବାହାରି ସାହିବାସିନ୍ଦାମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସ୍ୱାସ୍ଥିକର ଅନୁଭବ କରୁଛନ୍ତି । ଅନେକ ଲୋକ ପ୍ରଶ୍ୱାସ ଜନିତ ରୋଗରେ ପୀଡ଼ିତ ହେଉଛନ୍ତି । ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛ ପୁରୀର ନାଗରା ବଜାଉଥିବାବେଳେ ପର୍ଯ୍ୟଟକମାନେ ଏହି ଅଳିଆଗଦା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି । ସେହି ଅଂଚଳରେ ପ୍ରାୟ ୫ହଜାର ବାସିନ୍ଦା ରହୁଛନ୍ତି । ଏହାସହ ପ୍ରତିଦିନ ୧୦ହଜାର ପର୍ଯ୍ୟଟକ ସେହିବାଟ ଦେଇ ଯାଆଆସ କରୁଛନ୍ତି । ପୋଚା ଶବ ପଡୁଥିବାରୁ ସେଠାରେ ପୋକ ସାଲୁବାଲୁ ହୋଇ ନିକଟସ୍ଥ ଘରଗୁଡ଼ିକୁ ଚାଲି ଆସୁଛନ୍ତି । ବୟସ୍କ ଲୋକ, ଛୋଟ ଶିଶୁ ଓ ରୋଗୀମାନେ ଏହି ପୋଡ଼ା ଓ ପୋଚା ଗନ୍ଧରେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ପୌରସଂସ୍ଥା କେବଳ କାଗଜପତ୍ର ଓ ଗାଡ଼ିରେ ପ୍ରଚାର କରୁଥିବାବେଳେ ପ୍ରକୃତ ପକ୍ଷରେ ଏହି ଅଳିଆ ଗଦା ଦେଖିଲେ ପର୍ଯ୍ୟଟକମାନେ ଅନୁମାନ କରୁଛନ୍ତି ପୁରୀ କେତେ ସ୍ୱଚ୍ଛ ରହିଛି । ସାହିବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ପୌରସଂସ୍ଥାକୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ ସେଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି । ପୂର୍ବରୁ ସାର କାରଖାନାକୁ ବର୍ଜ୍ୟବସ୍ତୁ ଦିଆଯାଉଥିବାବେଳେ ଏବେ ଆଉ କାରଖାନା ତାହାକୁ ନେଉନଥିବାରୁ ଅଳିଆ ଗଦାହୋଇ ରହୁଛି । ଅଳିଆଗଦା ଫଳରେ ସେଠାରେ କୃତିମ ପାହାଡ଼ ସୃଷ୍ଟି ହୋଇଛି । ଅଳିଆଗଦା ନିଆଁର ଧୂଆଁରେ ଗଛ ପୋଡ଼ିବା ସହ ନଷ୍ଟ ହେଉଛି । ଏ ସମ୍ପର୍କରେ ଯୁବ ସମାଜସେବୀ ସ୍ୱାଧୀନ ପଣ୍ଡା ଅଭିଯୋଗ କରିଛନ୍ତି ଯଦି ଆଗାମୀ ଦୁଇ ସପ୍ତାହ ମଧରେ ଏହାର ସମାଧାନ କରାନଯାଏ ତେବେ ସାହିବାସିନ୍ଦାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୩୧ଜାନୁଆରୀ(ହି.ସ.) - ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ସହକାରୀ ମୌଲବୀ ରୁହାନୀ ମଦ୍ରାସା ପରିସରରେ ବିଦାୟୀ ଶିକ୍ଷକ ସେକ୍ ଏକବାଲ ହୋସେନଙ୍କ ଉଦ୍ଦେଶ୍ୟରେ ଏକ ବିଦାକାଳୀନ ସମ୍ବର୍ଦ୍ଧନା ସଭା କୋଭିଡ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସେକ୍ ମହମ୍ମଦ ଜକରିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ରହ୍ମବରଦା ସରପଂଚ ବିଜୟ ଦାସ,ସମ୍ମାନୀତ ଅତିଥିଭାବେ ବନ୍ଧଡିହ କ୍ଲଷ୍ଟର ସିଆରସିସି ଦେବରାଜ ମିଶ୍ର,ପ୍ରାକ୍ତନ ସମିତିସଭ୍ୟ ଅବଦୁଲ ଦୟାନ ଖାଁ, ପ୍ରାକ୍ତନ ଶିକ୍ଷାବିତ୍ ମହମ୍ମଦ ଇବ୍ରାହିମ୍ ଓ ଅନୁଷ୍ଠାନର ବରିଷ୍ଠ କର୍ମକର୍ତା ସେକ୍ ଅମବୁଲ ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷକ ଅରୁଣ କୁମାର ଜେନା, ବିଷ୍ଣୁ ଚରଣ ପ୍ରଧାନ ,ବିରେଶ ମହାନ୍ତି ଓ ଯତିନ୍ଦ୍ର ମୋହନ ସାହୁ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ପାଠପଢା ଶୈଳି ଓ ସମୟକୁ ସେ ସଦା ସର୍ବଦା ଗୁରୁତ୍ୱ ଦେଉଥିବା ନେଇ ତାଙ୍କ ଅଭିଭାଷଣରେ ମତ ପ୍ରକଶ କରିଥିଲେ । ଅନୁଷ୍ଠାନ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସୁଧାଂଶୁ ଶେଖର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅବଦୁଲ ସଇଦ ଖାଁନ ଧନ୍ୟବାଦ ଅର୍ପଣ କରିଥିଲେ । ବନ୍ଧଡିହ ଆଂଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଓ ପୁରାତନ ଛାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଭାବେ ବ୍ରହ୍ମବରଦା (କନିଷ୍ଠ) ମହାବିଦ୍ୟାଳୟର ବରିଷ୍ଠ ଶିକ୍ଷାକର୍ମଚାରୀ ମୀରା ପଟ୍ଟନାୟକ ଆଜି ବୃତିଗତ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା କୋଭିଡ ଗାଇଡ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ,ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା,ବିରଂଚି ନାରାୟଣ ଦାଶ ଓ ନୃସିଂହ ଚରଣ ନାୟକ ଅତିଥିଭାବେ ଯୋଗ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ବିକ୍ରମ ମହାପାତ୍ର, ଅଧ୍ୟାପକ ଉଲ୍ଲସ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ସାହୁ, ଅମୂଲ୍ୟ କୁମାର ପତି,ସୌଭାଗ୍ୟ କୁମାର ସାହୁ, ଅଧ୍ୟାପିକା ରଶ୍ମିତା ସାମଲ, ବନଲତା ଲେଙ୍କା, ଶ୍ରୀନିବାସ ଜେନା, ଦିଲ୍ଲିକ କୁମାର ସାହୁ, କ୍ରୀଡା ଶିକ୍ଷକ ସେକ୍ ନିଜାମୁଦ୍ଦିନ, ଶିକ୍ଷାକର୍ମଚାରୀ ସେକ୍ ସୋଲେମାନ ପ୍ରମୁଖ ଶ୍ରୀମତୀ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟପକ ଦିଲ୍ଲିପ କୁମାର ସାହୁ ମାନପତ୍ର ପାଠ କରିଥିଲେ ।

# କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ : ସମସ୍ତ ରୋଗୀ ସୁରକ୍ଷିତ

କେନ୍ଦୁଝର ,୧/୨ (ନି.ପ୍ର): ଆଜି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜିଲ୍ଲା ମୁଖ୍ୟାଳୟର ଡାଏଲିସିସ ସେଟଂର ଓ ସିଟି ସ୍କାନ କୋଠରୀରେ ହଠାତ୍ ନିଆଁ ଦେଖିବାକୁ ମିଳିଥିଲା । ହଠାତ୍ ଏଭଳି ନିଆଁ ଦେଖି ସେଠାରେ ଚିକିତ୍ସିତ ରୋଗୀଙ୍କ ସହ ସେମାନଙ୍କର ସଂପର୍କୟମାନେ ଭୟଭୀତ ହୋଇ ପଡିଥିଲେ । କିନ୍ତୁ ମୁଖ୍ୟ ଚିକିତ୍ସାଳୟର ସୁରକ୍ଷାକର୍ମୀ ଓ ମେଡିକାଲ ଷ୍ଟାଫଙ୍କ ଉଦ୍ୟମ ଯୋଗୁଁ ଖୁବ ଶିଘ୍ର ନିଆଁ ଆୟତ ହେବା ସମ୍ଭବ ହୋଇ ପାରିଥିଲା । ଏବଂ ସେମାନଙ୍କର ସହଯୋଗରେ ନିଆଁ ଲାଗିଥିବା କୋଠରୀରେ ଥିବା ସମସ୍ତ ୧୧ ଜଣ ରୋଗୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଚିକିତ୍ସା ଯୋଗାଇ ଦିଆଯାଇଥିଲା ଥିଲା । ଏହି ଘଟଣା ଆଜି ମଧ୍ୟାହ୍ନରେ ଘଟିଥିବା ବେଳେ ସମସ୍ତ ରୋଗୀ ସୁରକ୍ଷିତ ରହିଥିବା ମେଡିକାଲ ସୂତ୍ରରୁ ସୂଚନା ଦିଆଯାଇଛି । କୌଣସି କାରଣରୁ ସର୍ଟସର୍କିଟ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣା ପଡିଛି । ଫଳରେ ଏବେ ଜିଲ୍ଲା ମେଡିକାଲରେ ଅଗ୍ନି ସୁରକ୍ଷା ପାଇଁ କିଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି ତାହା ଉପରେ ଏବେ ଉଠିଛି ପ୍ରଶ୍ନ । ଅଗ୍ନିଶମ ବିଭାଗ ଏ ଦିଗରେ ତୁରନ୍ତ ଅନୁସନ୍ଧାନ କରିବା ସପକ୍ଷରେ ମତପ୍ରକାଶ ପାଇଛି ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା,୧/୨ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ପତି ସୋମବାର କାର୍ଯ୍ୟ ନିବୃତ ହୋଇଛନ୍ତି । ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଷ୍ଟାଫ ଆସୋସିଏସନ ପକ୍ଷରୁ ସଭାପତି ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଓ ପରିଚାଳନା ସମିତି ସଦସ୍ୟ ଅଧାପକ ଅଜୟ କୁମାର ସାମଲ ଯୋଗଦେଇ ଶ୍ରୀ ପତିଙ୍କ ମହାବିଦ୍ୟାଳୟ ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଷ୍ଟାଫ ଆସୋସିଏସନ ସମ୍ପାଦକ ଅଧାପକ ରଞ୍ଜିତ କୁମାର ଦାସ ସଭାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉତ୍ସବରେ ପ୍ରାଧାପକ ଡଃ. ଦେବେନ୍ଦ୍ର ନାଥ ଗୋଚ୍ଛାୟତ, ଡଃ. ପ୍ରମୋଦ କୁମାର ଦାସ, ପ୍ରଫେସର ରାମଚନ୍ଦ୍ର ପାତ୍ର, ରମାନାଥ ମହାନ୍ତି, ତୁଷାରକାନ୍ତି ଭୂୟାଁ, ପ୍ରଶାନ୍ତ କୁମାର ସାହୁ, ଡଃ. ସୁଚିସ୍ମିତା ବେହେରା, ସାଇନାଜ ଖାତୁନ, ଆନନ୍ଦ କୁମାର ନାୟକ, ମାନସୀ ମଞ୍ଜରୀ ଜେନା ପ୍ରମୁଖ ଏହି ପ୍ରସଙ୍ଗରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ପ୍ରାଧାପକ ଡଃ. ସଞ୍ଜୀବ କୁମାର ମହାନ୍ତି, ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ପ୍ରଭାକର ମଲ୍ଲିକ, ଡଃ. ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ଦାସ, ଡଃ. ସୁଷମା ଶତପଥୀ, ଡଃ. ରତ୍ନମଞ୍ଜରୀ ଦାଶ, ବାଣିଜ୍ୟ ବିଭାଗ ମୁଖ୍ୟ ଜ୍ଞାନ ରଞ୍ଜନ ଦାସ, ସୁରେଶ ଚନ୍ଦ୍ର ଦାଶ, ପ୍ରମୋଦ କୁମାର ବେହେରା, ରଞ୍ଜନ କୁମାର ସାମଲଙ୍କ ସମେତ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ କର୍ମଚାରୀମାନେ କୋଭିଡ ନିୟମ ଅନୁପାଳନ ପୂର୍ବକ ଉପସ୍ଥିତ ଥିଲେ । ପ୍ରଧାପକ ଶ୍ରୀ ପତି ସମ୍ବର୍ଦ୍ଧନାର ଉତରରେ କହିଥିଲେ ଯେ ଏହି ମହାବିଦ୍ୟାଳୟ ତାଙ୍କପାଇଁ ମାଟିର ସ୍ୱର୍ଗ । ତାଙ୍କ ବୌଦ୍ଧିକ, ଆତ୍ମିକ ଓ ଆଧାତ୍ମିକ ବିକାଶର ଉତ୍ସ । ଏଥିପାଇଁ ଏହି ମହାବିଦ୍ୟାଳୟ ନିକଟରେ ସେ ଚିରଋଣୀ । ଶେଷରେ ସହସମ୍ପାଦକ ଡଃ. ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାବିକାଶ ନେଇ ଓଡ଼ିଶା ଅଭିଭାବକ ମହାସଂଘର ସାମ୍ବାଦିକ ସମ୍ମିଳନୀ

ପୁରୀ,୧/୨ (ନି.ପ୍ର): ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶିକ୍ଷାର ବିକାଶ, ଶିକ୍ଷା ଜନିତ ସମସ୍ୟା ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନ୍ନପୂର୍ଣ୍ଣା ଥିଏଟର ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଫଂଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ଶିକ୍ଷିତ ହେବା ସହ ଭୋଟରମାନଙ୍କୁ ଶିକ୍ଷିତ କରାଇବା ପାଇଁ ସଂଘ ଆହ୍ୱାନ କରିଛି । ବିଜୟୀ ପ୍ରାର୍ଥୀ ସବୁ ଭୋଟରଙ୍କୁ ଶିକ୍ଷା ସଂପର୍କରେ ସଚେତନ କରିବା ପାଇଁ ସଂଘ ପରାମର୍ଶ ଦେଇଛି । ଏଥିରେ ମହାସଂଘର ଅଧକ୍ଷ ବାସୁଦେବ ଭଟ୍ଟ ଅଧକ୍ଷତା କରିଥିଲେ । ରାଜ୍ୟରେ ୮୭୫୦ଟି ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ସଂଘ ଦାବି କରିଛି ।

# ନୂତନ ନ୍ୟାୟାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଘସିପୁରା,୧/୨ (ନି.ପ୍ର): ଗ୍ରାମ ନ୍ୟାୟାଳୟର ନୁତନନ୍ୟାୟାଧିକାରୀ ଈଶା ପତିଙ୍କୁ ଆନନ୍ଦପୁର ଓକିଲସଂଘ ତରଫରୁ ଓକିଲସଂଘ ସଭାଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଓକିଲସଂଘ ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାଜଜ ରଞ୍ଜନ କୁମାର ସୁତାର, ସବଜଜ୍ ମହେଶ୍ୱେତା ପରିଜା, ଏସ୍ ଡି ଜେ ଏମ୍ ରଶ୍ମିରେଖା ପାତ୍ର, ଜେ ଏମ୍ ଏଫ୍ ସି ପ୍ରବିଣ କୁମାର ହୋତା ପ୍ରମୁଖ ଯୋଗଦେଇଥିଲେ ।ଅନ୍ୟମାନଙ୍କ ମଧରେ ବରିଷ୍ଠ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ରାମଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ସାହୁ,ମନୋଜ କୁମାର ମିଶ୍ର, ଅମର ମହାପାତ୍ର, ରବିନ୍ଦ୍ର କୁମାର ବେହେରା, ହେମରଞ୍ଜନ ବେହେରା,ପ୍ରତାପ କର କିଶୋର କୁମାର ଚକ୍ର,ଜୟନ୍ତକୁମାର ରାଜ, ଭାଗୀରଥି ଦାଶ, ଉମେଶ ମହାନ୍ତି, ଓକିଲସଂଘ କର୍ମକର୍ତାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ଉପସଭାପତି ସଚିଦ୍ରାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଦିଲ୍ଲୀପ କୁମାର ସାହୁ
ଶଙ୍କରପୁର, ଚାରବାଟିଆ, କଟକ
ମୋ-୯୮୬୧୧୨୬୧୯୭

# ରାବଣଦର







ଘନ ବଣଜଙ୍ଗଲ ଓ ପାହାଡପର୍ବତରେ ଭରପୁର ଆଦିବାସୀ ବହୁଳ କଳାହାଣ୍ଡି ଜିଲ୍ଲା । ମନେହୁଏ ସତେ ଯେପରି ଢେଉଢେଉକା ପାହାଡ ସବୁ ପାଚେରୀ ପରି ଘେରି ରହିଛି ସେହି ଜିଲ୍ଲାକୁ । ସେହି ପ୍ରାଚୀର ସଦୃଶ ପର୍ବତ ମାଳାରୁ ଝରି ଆସିଛି ଅନେକ ବଣ ଝରଣା । ଆଉ ସେହି ଝରଣା ଗୁଡିକ ମଧ୍ୟରୁ ଗୋଟିଏ ହେଲା ପିପଲ ନାଳା । ପିପଲନାଳା ର ଆରମ୍ଭ କେଉଁଠୁ ତାହା ଜଣା ନାହିଁ । ହେଲେ ଯେଉଁଠି ତାହା ଦୃଶ୍ୟମାନ ହୋଇଛି ସେହିଠାରେ ତାହା ଛୋଟ ପ୍ରପାତଟିଏ ସୃଷ୍ଟିକରି ନିମ୍ନଗାମୀ ହୋଇଛି । ସେହି ଛୋଟ ଜଳପ୍ରପାତଟିର ନାମ ସାନରାବଣଦର । ସାନରାବଣଦର ଠାରୁ ପ୍ରାୟ ଆଠଶହ ମିଟର ତଳକୁ ପିପଲ ନାଳାର ରହିଛି ଆଉ ଏକ ଜଳପ୍ରପାତ, ସେହି ପ୍ରପାତର ନାମ ବଡ ରାବଣଦର ବା ସାଧାରଣରେ ତାହା କେବଳ ରାବଣଦର ଭାବରେ ଖ୍ୟାତ । ରାବଣଦରକୁ ଘେରି ରହିଥିବା ପାହାଡର ନାମ ଗୁଣ୍ଡି ପର୍ବତ । ଗଛଲତାରେ ପରିପୂର୍ଣ୍ଣ ସେହି ପର୍ବତ ଦେହରେ ମେଘ ବାଡେଇ ହେବାର ଦୃଶ୍ୟ ଖୁବ୍ ମନୋରମ । କଳାହାଣ୍ଡି ଜିଲ୍ଲା ସଦରମହକୁମା ଭବାନୀପାଟଣା ଠାରୁ ରାବଣ ଦରର ଦୂରତା ପ୍ରାୟ ପନ୍ଦର କିଲୋମିଟର । ପୂର୍ବରୁ ସେଠାରେ ପହଞ୍ଚିବା ନିମନ୍ତେ ରାସ୍ତାଘାଟ ନଥିଲା । ଗୁଣ୍ଡିପର୍ବତ ପାଦଦେଶରୁ ସେଠାକୁ ଚାଲିଚାଲି ଯିବାକୁ ପଡୁଥିଲା । ଗୁଣ୍ଡିପର୍ବତର ପାଦଦେଶରେ ଥିବା ଭଟାଙ୍ଗପଦର ଗ୍ରାମଠାରୁ ସାନରାବଣଦର ଯାଏଁ ଏବେ ଏକ ପକ୍କାରାସ୍ତା ଲମ୍ବିଯାଇଛି ।

ଘନ ବଣଜଙ୍ଗଲ ଓ ପାହାଡପର୍ବତରେ ଭରପୁର ଆଦିବାସୀ ବହୁଳ କଳାହାଣ୍ଡି ଜିଲ୍ଲା । ମନେହୁଏ ସତେ ଯେପରି ଢେଉଢେଉକା ପାହାଡ ସବୁ ପାଚେରୀ ପରି ଘେରି ରହିଛି ସେହି ଜିଲ୍ଲାକୁ । ସେହି ପ୍ରାଚୀର ସଦୃଶ ପର୍ବତ ମାଳାରୁ ଝରି ଆସିଛି ଅନେକ ବଣ ଝରଣା । ଆଉ ସେହି ଝରଣା ଗୁଡିକ ମଧ୍ୟରୁ ଗୋଟିଏ ହେଲା ପିପଲ ନାଳା ।

ପିପଲନାଳା ର ଆରମ୍ଭ କେଉଁଠୁ ତାହା ଜଣା ନାହିଁ । ହେଲେ ଯେଉଁଠି ତାହା ଦୃଶ୍ୟମାନ ହୋଇଛି ସେହିଠାରେ ତାହା ଛୋଟ ପ୍ରପାତଟିଏ ସୃଷ୍ଟିକରି ନିମ୍ନଗାମୀ ହୋଇଛି ।

ସେହି ଛୋଟ ଜଳପ୍ରପାତଟିର ନାମ ସାନରାବଣଦର । ସାନରାବଣଦର ଠାରୁ ପ୍ରାୟ ଆଠଶହ ମିଟର ତଳକୁ ପିପଲ ନାଳାର ରହିଛି ଆଉ ଏକ ଜଳପ୍ରପାତ, ସେହି ପ୍ରପାତର ନାମ ବଡ ରାବଣଦର ବା ସାଧାରଣରେ ତାହା କେବଳ ରାବଣଦର ଭାବରେ ଖ୍ୟାତ । ରାବଣଦରକୁ ଘେରି ରହିଥିବା ପାହାଡର ନାମ ଗୁଣ୍ଡି ପର୍ବତ । ଗଛଲତାରେ ପରିପୂର୍ଣ୍ଣ ସେହି ପର୍ବତ ଦେହରେ ମେଘ ବାଡେଇ ହେବାର ଦୃଶ୍ୟ ଖୁବ୍ ମନୋରମ ।

କଳାହାଣ୍ଡି ଜିଲ୍ଲା ସଦରମହକୁମା ଭବାନୀପାଟଣା ଠାରୁ ରାବଣ ଦରର ଦୂରତା ପ୍ରାୟ ପନ୍ଦର କିଲୋମିଟର । ପୂର୍ବରୁ ସେଠାରେ ପହଞ୍ଚିବା ନିମନ୍ତେ ରାସ୍ତାଘାଟ ନଥିଲା । ଗୁଣ୍ଡିପର୍ବତ ପାଦଦେଶରୁ ସେଠାକୁ ଚାଲିଚାଲି ଯିବାକୁ ପଡୁଥିଲା ।

ଗୁଣ୍ଡିପର୍ବତର ପାଦଦେଶରେ ଥିବା ଭଟାଙ୍ଗପଦର ଗ୍ରାମଠାରୁ ସାନରାବଣଦର ଯାଏଁ ଏବେ ଏକ ପକ୍କାରାସ୍ତା ଲମ୍ବିଯାଇଛି । ତିନିକିଲୋମିଟର ଲମ୍ବ ସେହି ଘାଟିରାସ୍ତାରେ ଯିବା ସମୟରେ ଉଭୟ ପାର୍ଶ୍ୱରେ ଥିବା ବଣ ଜଙ୍ଗଲ ଓ ପାହାଡର ଦୃଶ୍ୟକୁ ମନଭରି ଉପଭୋଗ କରିହୁଏ ।





ରାବଣଦରକୁ ଲମ୍ବିଥିବା ସେହି ଘାଟିରାସ୍ତାରେ ଯିବା ସମୟରେ ପିପଲନାଳାକୁ ବାରମ୍ବାର ଅତିକ୍ରମ କରିବାକୁ ହୋଇଥାଏ । ତେଣୁ ସେହି ଘାଟିରାସ୍ତା ଉପରେ ନିର୍ମାଣ କରାଯାଇଛି ଅନେକ ଗୁଡିଏ ପକ୍କା ପୋଲ । ସେହି ପକ୍କା ପୋଲ ଉପରୁ ପିପଲ ନାଳାର ଅଙ୍କାବଙ୍କା ପଥ ସହିତ ବଣ ପାହାଡର ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥାଏ । ପଥ ମଧ୍ୟରେ ପିପଲନାଳା ପାଖରେ ପହଞ୍ଚିବା ପାଇଁ ସୁବିଧା ରହିଛି । ଝରଣାଟିର ପାଖରେ ପହଞ୍ଚିଲେ ଶିଳାସନ୍ଧିରେ ପାଣି ନାଚି ନାଚି ଯିବାର ଗତି ସହିତ ତାର କୁଳୁକୁଳୁ ନାଦକୁ ଉପଭୋଗ କରିହୁଏ ।

ଗୁଣ୍ଡିପର୍ବତର ପାଦ ଦେଶରୁ ଠିକ୍ ତିନିକିଲୋମିଟର ଦୂରରେ ଅବସ୍ଥିତ ସାନ ରାବଣଦର । ଜଳପ୍ରପାତ ନିଟରେ ପହଞ୍ଚିବା ପାଇଁ ରାସ୍ତାରୁ ଝରଣାଯାଏଁ ରହିଛି ଶତାଧିକ ପାହାଚ । ସେହି ପାହାଚ ଅତିକ୍ରମ କରି ପିପଲନାଳା ନିକଟରେ ପହଞ୍ଚିଲେ ମନେହୁଏ ସତେ ଯେପରି ସେହିଠାରୁ ପଥର ଫଟାଇ ଝରଣାଟି ଜନ୍ମ ନେଇଛି ।

ସାନରାବଣଦର ଠାରୁ ଆଠଶହମିଟର ତଳକୁ ବଡ ରାବଣଦର ବା ରାବଣଦର ଜଳପ୍ରପାତ । ସେଠାରେ ପିପଲନାଳା ଦୁଇଟି ଧରହୋଇ ପ୍ରପାତ ସୃଷ୍ଟି କରିଛି । ପ୍ରାୟ କୋଡିଏ ଫୁଟ ଉପରୁ ଝରଣାର ଜଳ ତଳକୁ ଲମ୍ଫ ପ୍ରଦାନ କରିବାର ଦୃଶ୍ୟ ଖୁବ୍ ମନୋରମ ।

ରାବଣଦର ପ୍ରପାତର ଠିକ୍ ଉପରକୁ ପିପଲନାଳା ଉପରେ ଏକ ପକ୍କା ପୋଲ ରହିଛି । ସେହିଠାରୁ ସାନରାବଣଦର ପ୍ରପାତ ସହ ଝରଣାର ନିମ୍ନଗାମୀ ଦୃଶ୍ୟ ମନ ମୋହି ନେଇଥାଏ ।

ରାବଣଦର ପ୍ରପାତ ନିକଟକୁ ଯିବାର ସୁବିଧା ରହିଛି । ସେଠାରେ ପର୍ଯ୍ୟଟକ ମାନେ ଗାଧୋଇବାର ମଜା ନେଇଥାନ୍ତି ।

ବର୍ଷାମାସ ପରେ ପରେ ଆରମ୍ଭ ହୋଇଥାଏ ବଣଭୋଜି ଋତୁ । ଛୁଟିଦିନ ମାନଙ୍କରେ ସେଠାରେ ଜାଗା ମିଳେ ନାହିଁ । ଭବାନୀପାଟଣା ଓ ତାହାର ଆଖପାଖ ଅଞ୍ଚଳରୁ ପର୍ଯ୍ୟଟକ ମାନେ ସେଠାକୁ ଧାଇଁ ଆସିଥାନ୍ତି ବଣ ଭୋଜିପାଇଁ ।

ପିପଲନାଳା ଅଙ୍କାବଙ୍କା ବାଟଦେଇ ଝରିଯାଇଛି ଗୁଣ୍ଡିପର୍ବତର ପାଦ ଦେଶକୁ । ସେଠାରେ ତାହାର ପାଣିକୁ ଅଟକାଯାଇ ଜଳସେଚନ ବିଭାଗ ପକ୍ଷରୁ ସୃଷ୍ଟି କରାଯାଇଛି ଏକ କୃତ୍ରିମ ହ୍ରଦ । ସେହି ହ୍ରଦର ନାମ ପେନ୍ଥଲ୍ ଡ୍ୟାମ୍ । ଚତୁର୍ଦ୍ଦିଗରେ ସବୁଜିମାଭରା ପାହାଡ ପର୍ବତ ଓ ତାରି ପାଦଦେଶରେ ସେହି ବିରାଟ ଜଳାଶ୍ରୟ । ଅପୂର୍ବ ତାହାର ମନୋରମ ଦୃଶ୍ୟ । ପେନ୍ଥଲ ଡ୍ୟାମ୍‌ର ଜଳକୁ ଏକ କେନାଲ ମାଧ୍ୟମରେ ଜଳସେଚନ ନିମନ୍ତେ ବ୍ୟବହାର କରାଯାଇଥାଏ । ସେହି ଜଳ ଯୋଗୁଁ ଆଖପାଖ ଅଞ୍ଚଳର କ୍ଷେତରୁ ବର୍ଷସାରା ଅମଳ ମିଳିଥାଏ । ଭବାନୀପାଟଣା ସହରଠାରୁ ସେହି ପେନ୍ଥଲ ହ୍ରଦର ଦୂରତା ମାତ୍ର ସାତ ଆଠ କିଲୋମିଟର । ସେଠାରେ ପହଞ୍ଚିବା ପାଇଁ ମଧ୍ୟ ରାସ୍ତାର ସୁବିଧା ରହିଛି । ତେଣୁ ବର୍ଷସାରା ବଣଭୋଜି ପାଇଁ ଲୋକମାନେ ସେଠାକୁ ଆସିଥାନ୍ତି । ପିପଲନାଳା ଦ୍ୱାରା ସୃଷ୍ଟ ରାବଣଦର ଜଳପ୍ରପାତ ଓ ପେନ୍ଥଲ ହ୍ରଦ ମନୋରଞ୍ଜନ ନିମନ୍ତେ ଅପୂର୍ବ ସ୍ଥଳ । ଏବେ ଏହାର ସୌନ୍ଦର୍ଯ୍ୟକରଣ କରାଯାଇ ସ୍ଥାନ ଦୁଇଟିକୁ ଆହୁରି ଆକର୍ଷଣୀୟ କରାଯାଇଛି । ସୁନ୍ଦର ସ୍ୱାଗତ ତୋରଣ, ଶିଶୁ ଉଦ୍ୟାନ ଓ ବଣଭୋଜି ପାଇଁ ସ୍ୱତନ୍ତ୍ର ସୁବିଧା ଯୋଗୁ ରାବଣଦରକୁ ଦିନକୁଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଉଛି । ଭବାନୀପାଟଣା ଆସୁଥିଲେ ସେହି ସ୍ଥାନକୁ ବୁଲିଯିବାକୁ ନଭୁଲନ୍ତି ଯେମିତି ।





## କେବଳ ଖିରିର ସ୍ୱାଦ ନୁହେଁ, ଶରୀରର ବିଭିନ୍ନ ସମସ୍ୟା ଦୂର କରେ କିସମିସ୍

**ସାଧାରଣତଃ ଖିରିରେ ଆମେ କିସମିସ୍ ଖାଇବାକୁ ପାଇଥାଉ । ଏହା ଖିରିକୁ ଅଧିକ ସ୍ୱାଦିଷ୍ଟ କରିଥାଏ । କିନ୍ତୁ ଆପଣ ଜାଣନ୍ତି କି ଖାଲି କିସମିସ ବି ଖାଇଲେ ଅନେକ ଉପକାର ମିଳିଥାଏ । ଏହା ଶରୀରକୁ ଫାଇଦା ଦେଇଥାଏ ।**

■ ପ୍ରଥମେ ଜାଣି ରଖନ୍ତୁ ଯେ କିସମିସ୍‌ରେ ପ୍ରଚୁର ମାତ୍ରାରେ ଭିଟାମିନ୍ ଏ ରହିଛି । ଏଣୁ ପ୍ରତିଦିନ କିଛି କିସମିସ ଖାଇଲେ ତାହା ଆଖି ପାଇଁ ଭଲ । ଏହା ଆଖିର ଉଜ୍ଜ୍ୱଳତା ବଢ଼ାଏ । ତା'ଛଡ଼ା ଆଖିର ମାଂସପେଶୀକୁ ମଜବୁତ କରିଥାଏ ।

■ ଯଦି କାହାର ଶରୀରରେ ରକ୍ତର ମାତ୍ରା କମ୍ ଅଛି ତେବେ ସେ କିସମିସ ଖାଇବା ନିହାତି ଦରକାର, କାରଣ ଏହା ରକ୍ତହୀନତା ଦୂର କରିବାରେ ସହାୟକ ହୋଇଥାଏ ।

■ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ରହିଥାଏ । ଏହାକୁ ଖାଇବା ଦ୍ୱାରା କୋଷ୍ଠ କାଠିନ୍ୟତାର ସମସ୍ୟା ଦେଖା ଦିଏ ନାହିଁ ।

■ କିସମିସ ଖାଇବା ଫଳରେ ଶରୀରର ରୋଗ ପ୍ରତିରୋଧ ଶକ୍ତି କ୍ଷମତା ବି ବଢ଼ିଥାଏ । ଯଦି ସକାଳେ ପାଣିରେ କିସମିସ ଭିଜାଇ ତାର ପାଣିକୁ ପିଇବେ ତବେ ଉପରୋକ୍ତ ଲାଭ ବି ମିଳିବ ।

■ କିସମିସ୍ ପାଣିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ୍ ଶରୀରର



କୋଷଗୁଡ଼ିକୁ ଶକ୍ତ କରିଥାଏ ଓ କର୍କଟ ଭଳି ରୋଗରୁ ମଧ୍ୟ ରକ୍ଷା କରିଥାଏ ।

■ ଏଥିରେ ଆମିନୋ ଏସିଡ୍ ଥାଏ, ଯାହା ଶରୀରର ଦୁର୍ବଳତା ଦୂର କରିଥାଏ ।

## ଏସବୁ ସମସ୍ୟାକୁ ଦୂର କରେ ପିଆଜ ଓ ଅଦା ରସ

ପିଆଜ ଏବଂ ଅଦା ରସ ଆଖିର ରଶ୍ମି ବୃଦ୍ଧିରେ ସହାୟକ ହୋଇଥାଏ । ପିଆଜ ରସ ଆପଣଙ୍କ ଶରୀରରେ ଗ୍ଲୁଟାଥିଅନ୍ ଉତ୍ପାଦନ କରେ । ଏହା ଏକ ପ୍ରକାର ପ୍ରୋଟିନ୍, ଯାହା ଆଖିର ରଶ୍ମି ପାଇଁ ଲାଭଦାୟକ ହୋଇଥାଏ । ଏହା ବ୍ୟତୀତ ପିଆଜ ଏବଂ ଅଦା ରସ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଥା । ପିଆଜ ରସରେ ଭିଟାମିନ୍-ଇ ଥାଏ, ଯାହା ଆଖି ସହିତ ଜଡିତ ସମସ୍ୟାକୁ ଦୂର କରିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ପିଆଜ ଏବଂ ଅଦା ରସ ଖାଇବା ମଧ୍ୟ ଲାଭଦାୟକ ଅଟେ । ପିଆଜରେ ଭିଟାମିନ୍ ସି ମିଳିଥାଏ, ଯାହା ଗର୍ଭବତୀ ମହିଳାମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଅଦା ରସ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ । ପିଆଜ ଏବଂ ଅଦା ରସ ଶରୀରରେ ରକ୍ତ ଅଭାବକୁ ଦୂର କରିଥାଏ । ଅଦା ରସ ବ୍ୟବହାର ଶରୀରରେ ରକ୍ତ ସଞ୍ଚାଳନକୁ ଠିକ ରଖିଥାଏ । ଅନ୍ୟପକ୍ଷରେ, ରକ୍ତହୀନତା ସମସ୍ୟାରେ କଞ୍ଚା ପିଆଜ ରସ ଉପକାରୀ ହୋଇଥାଏ । ଶରୀରରେ ରକ୍ତ ଅଭାବ ଥିଲେ ଅଦା ଏବଂ ପିଆଜ ରସ ସେବନ କରିପାରିବେ । ପିଆଜ ଓ ଅଦା ରସରେ ଆଣ୍ଟିଅକ୍ସିଡେଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟ୍ରି ଗୁଣ ରହିଛି । ଏହି ଆଣ୍ଟିଅକ୍ସିଡାଣ୍ଟ ପୁରୁଷମାନଙ୍କଠାରେ ଶୁକ୍ରାଣୁ ସଂଖ୍ୟା ବୃଦ୍ଧି କରିଥାଏ । ସମାନ ପରିମାଣର ପିଆଜ ଏବଂ ଅଦା ରସକୁ ମିଶାଇ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଚାମଚ ପିଇଲେ ଏହା ଶରୀରରେ ଥିବା ହରମୋନକୁ ସନ୍ତୁଳିତ ରଖିଥାଏ ।

**ପିଆଜ ଏବଂ ଅଦା ରସ ଅନେକ ସମସ୍ୟା ଦୂର କରିବାରେ ଲାଭଦାୟକ ହୋଇଥାଏ । ଏହା ହଜମ ପ୍ରକ୍ରିୟାରେ ଉନ୍ନତି ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଗର୍ଭବତୀ ମହିଳାମାନଙ୍କ ପାଇଁ ପିଆଜ ଏବଂ ଅଦା ରସ ଅତ୍ୟନ୍ତ ଲାଭଦାୟକ । ଏଥିସହିତ ଏହା ରକ୍ତହୀନତା ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।**



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଶା ଓ ଭରଷା...

ଆରମ୍ଭ ହୋଇଛି ସଂସଦର ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନ । ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍‌ଘାଟନୀ ଅଭିଭାଷଣ ସହ ଆରମ୍ଭ ହୋଇଥିବା ଏହି ଅଧିବେଶନ ବିଭିନ୍ନ ଦିଗରୁ ଅତ୍ୟନ୍ତ ମହତ୍ତ୍ୱ ରଖୁଛି । ଦୁଇବର୍ଷରୁ ଅଧିକ କାଳ ସମଗ୍ର ବିଶ୍ୱକୁ କଲବଲ କରି ରଖିଥିବା କରୋନା ସଂକ୍ରମଣ ରୂପ ବଦଳାଇବାରେ ଲାଗିଥିବା ପୃଷ୍ଠଭୂମିରେ କେନ୍ଦ୍ର ବଜେଟ୍ ଉପସ୍ଥାପିତ ହେବାକୁ ଯାଉଛି । ଆପାତତଃ ସଂକ୍ରମଣ ବିରୋଧରେ ଚାଲିଥିବା ଲଢ଼େଇରେ ବିପୁଳ ରାଜସ୍ୱ ବ୍ୟୟିତ ହୋଇସାରିଛି । ଜାତୀୟ ଅର୍ଥନୀତି ଉପରେ ତାହାର ପ୍ରତିକୂଳ ପ୍ରଭାବ ଭିତରେ ଦେଶବାସୀ ସାଧାରଣ ବଜେଟ୍‌ରୁ କେଉଁଭଳି ପ୍ରତ୍ୟାଶା ରଖିଛନ୍ତି, ତାହାକୁ ଦୃଷ୍ଟିରେ ରଖି ପ୍ରାକ୍ ବଜେଟ୍ ଅର୍ଥନୈତିକ ସର୍ଭେରେ ଫୋକସ ଦିଆଯାଇଛି । ଉକ୍ତ ସର୍ଭେର ବିଭିନ୍ନ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସଙ୍କେତ ସ୍ଥାନ ପାଇଛି । ପ୍ରତିକୂଳ ଏଭଳି ପ୍ରାକ୍ ବଜେଟ୍ ସର୍ଭେରେ ସମ୍ଭାବିତ ବ୍ୟବସ୍ଥାର ରୂପରେଖର ସୂଚନା ମିଳିଥାଏ । ଏଥର ମଧ୍ୟ ମହାମାରୀର ପ୍ରତିକୂଳ ପ୍ରଭାବ ଭିତରେ ପୂର୍ବ ବର୍ଷ ଭଳି ପ୍ରତିଫଳନ ଦେଖାଯାଇଛି । ଥରେ ନୁହେଁ, ଦୁଇ ଦୁଇଥର ବାର୍ଷିକ ବଜେଟ୍‌ରେ ଦେଶବାସୀ ସମ୍ମୁଖୀନ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ରାଜକୋଷରୁ ଧନରାଶି ଅକାତରରେ ବ୍ୟୟିତ ହେବାଦ୍ୱାରା ନିର୍ମାଣ ଶିଳ୍ପଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଆଶାଜନକ ପ୍ରଗତି ହୁଏତ ସମ୍ଭବ ହୋଇନାହିଁ । ମାତ୍ର କରୋନା ସଂକ୍ରମଣ ବିରୋଧରେ ବ୍ୟାପକ ଟିକାକରଣ ଭଳି ଜାତୀୟ ଅଭିଯାନ ସକାଶେ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବଜେଟ୍‌ରେ ଦେଖିବାକୁ ଅବଶ୍ୟ ମିଳିପାରେ ବୋଲି ବିଶେଷଜ୍ଞ ମହଲର ବିଚାର । ଗତ ବର୍ଷ ଗୁଡ଼ିକରେ ଜାତୀୟ ଜିଡିପିରେ ଅଧୋଗତି ସମୟାନ୍ତରରେ ଚିନ୍ତାର କାରଣ ହୋଇଥିବା ବେଳେ କିଭଳି ଅଭିବୃଦ୍ଧି ହାରରେ ସୁଧାର ଅଣାଯାଇପାରିବ, ତାହା ଅଧିକ ଧ୍ୟାନର ଆବଶ୍ୟକତା ଚାହୁଁଛି । ଆକଳନ ପ୍ରକାରେ ସବୁ କିଛି ହେଉନଥିବାରୁ ଆଶଙ୍କା କରାଯାଉଛି ବିତ୍ତୀୟ ନିଅଣ୍ଟ ୬.୧%କୁ ବୃଦ୍ଧି ପାଇପାରେ । କେନ୍ଦ୍ରୀୟ ବଜେଟ୍ ବରାଟ ବଢ଼ି ୩୯.୬ଲକ୍ଷ କୋଟି ଛୁଇଁପାରେ ବୋଲି ସୂଚିତ ହୋଇଥିବା ବେଳେ ଏହା ମହାମାରୀ କବଳମୁକ୍ତ କରିବାକୁ ଯାଇ ଅର୍ଥନୀତିକୁ ସଳଖିବା ସକାଶେ କରାଯିବା ବୋଲି କୁହାଯାଉଛି । ୨୦୨୨-୨୩ରେ କେନ୍ଦ୍ରର ସୁଧ ବୋଝ ଅତି କମ୍‌ରେ ୧୫% ବଢ଼ିପାରେ ବୋଲି ଅନୁମାନ କରାଯାଉଥିବା ବେଳେ ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ଦେଖାଦେବାର ସମ୍ଭାବନା ରହିଛି । ତାହା ୯.୩୦ଲକ୍ଷ କୋଟି ହେବା ଅନୁମାନ ରହିଛି । ଚଳିତ ଆର୍ଥିକ ବର୍ଷରେ ତାହା ୮.୧ଲକ୍ଷ କୋଟି ରହିଛି । ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ଆକଳନରୁ ଜଣାଯାଏ, ମହାମାରୀର ପ୍ରତିକୂଳ ପ୍ରଭାବବଶତଃ ସୁଧ ବୋଝ ଉପରମୁହାଁ ହେବାକୁ ବାଧ୍ୟ । ଉଦ୍ୟୋଗପତି ମହଲ ବଜେଟ୍‌ରୁ କିଭଳି ଆଶା ରଖିଛନ୍ତି, ତାହା ସରକାର କେଉଁ ଭାବରେ ପୂରଣ କରିବାକୁ ଯାଉଛନ୍ତି ଦେଖାଯିବ । ଖର୍ଚ୍ଚ ବୃଦ୍ଧି ଲାଗି କେନ୍ଦ୍ର ଓ ରାଜ୍ୟଗୁଡ଼ିକର ବଜେଟ୍ ଆଶାଜନକ ସ୍ଥିତିରେ ରହିବାର ସମ୍ଭାବନା ଊଣା । ବିତ୍ତୀୟ ଶୃଙ୍ଖଳା ବିଗାଡ଼ି ଦେଇଥିବା ମହାମାରୀ କେବଳ ଆମ ଦେଶ ନୁହେଁ, ବିଦେଶରେ ମଧ୍ୟ ଆର୍ଥିକ ସଙ୍କଟକୁ ଡାକି ଆଣିଛି । ସମୟ ବଦଳିବା ସହିତ ସରକାର ଯେତେ ଚାହିଁଲେ ସୁଦ୍ଧା ପୂର୍ବ ଦିନଠାରୁ ଅଧିକ କଠୋର ହେବା ଛଡ଼ା ଅନ୍ୟ ଗତି ଦେଖିପାରୁ ନାହାନ୍ତି । ପ୍ରତି ବଜେଟ୍‌ରେ ଆୟକର ଛାଡ଼ର ସର୍ବୋଚ୍ଚ ସୀମା ନେଇ ଟିକସଦାତାମାନେ ଆଶାବାଦୀ ରହିଥାନ୍ତି । ଏଥର ସେମାନଙ୍କୁ ଅବଶ୍ୟ ନିରାଶ ହେବାକୁ ପଡ଼ିବ । ଲୋକପ୍ରିୟ ବଜେଟ୍‌ର ରୂପରେଖ ପୂର୍ବଦିନ ଭଳି ନହୋଇ ଅଧିକ କଠୋର ହୋଇପାରେ ବୋଲି ଆଶଙ୍କା କରୁଛନ୍ତି ଅର୍ଥନୀତି ବିଶେଷଜ୍ଞ ମହଲ । ତୈଳ ଓ ଗ୍ୟାସ ଦର ଲଗାମଛଡ଼ା ବଢ଼ି ସାରିଛି । ରେଳଯାତ୍ରା ହୋଇସାରିଛି ମହଙ୍ଗା । ଜନସାଧାରଣଙ୍କ ତେଲ ଲୁଣର ସଂସାର ଉପରେ ମହଙ୍ଗା ମାଡ଼ ଅସହ୍ୟ ଚାପ ଆଣିଦେଇଛି । ଏଥିରୁ ରକ୍ଷା କରିବା ଲାଗି ବଜେଟ୍‌ରେ ଅଧିକ କିଛି କରାଯାଉଛି କି ନାହିଁ ତାହା ସମସ୍ତଙ୍କ ପାଇଁ କୋଟି ଟଙ୍କାର ପ୍ରଶ୍ନ । କରୋନା କାଳରେ ଧନୀମାନେ ବଡ଼ ଧନୀ ପାଲଟିଛନ୍ତି, ଗରିବର ମେରୁଦଣ୍ଡ ବଙ୍କା ହୋଇସାରିଛି । ଏହି ଅସମାନତା ବୃଦ୍ଧି ପଛର କାରଣ ନିଦାନ ବେଶୀ କଷ୍ଟକର ନୁହେଁ । କିନ୍ତୁ ସରକାର ସାମାନ୍ୟ ଜନତାଙ୍କ ପ୍ରତ୍ୟାଶାକୁ କିଭଳି ପୂରଣ କରିପାରୁଛନ୍ତି ଦେଖାଯିବ । ଚାପ ଭିତରେ ଆସିବାକୁ ଥିବା ବଜେଟ୍ ନେଇ ଆଶା-ଆଶଙ୍କା ଭିତରେ ଦେଶବାସୀ ରହିଥିବା ସ୍ୱାଭାବିକ ।

# ମୋଟା ସମ୍ବିଧାନ ଛୋଟା ଗଣତନ୍ତ୍ର



ମାୟାଧର ନାୟକ

ଆମ ସମ୍ବିଧାନରେ ଲେଖାଅଛି – ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ରାଜନେତାମାନେ କେହି ସମ୍ବିଧାନକୁ ମାନୁନାହାଁନ୍ତି – ସେମାନେ ଜାତି ନାଁରେ ଧର୍ମ ନାଁରେ ବର୍ଣ୍ଣ, ଆଂଚଳିକତା ନାଁରେ ରାଜନୀତି କରୁଛନ୍ତି। ଆମ ସମ୍ବିଧାନ ଯେତେ ଚାଲିଛି ମୋଟା ହୋଇ – ଗଣତନ୍ତ୍ର ସେତେ ଗଡୁଛି ଛୋଟା ହୋଇ ।

ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁମାନେ ଏକ ସୁନ୍ଦର ସମୃଦ୍ଧ ଭାରତବର୍ଷର ସ୍ୱର୍ଣ୍ଣାଭ ସ୍ୱପ୍ନ ଦେଖିଥିଲେ, ଏକ ଅନନ୍ୟ ଭବିଷ୍ୟତର ରଙ୍ଗୀନ ଆଲେଖ୍ୟ ଆଙ୍କିଥିଲେ, କଳ୍ପନା କରିଥିଲେ, ଏକ ମୁକ୍ତ ମହାନ ରାଷ୍ଟ୍ରଭୂମିର – ସେମାନଙ୍କର ସେ ଆଶା ମିଳେଇ ଯାଇଛି ପାଣି ଫୋଟକା ପରି। ଭାଙ୍ଗିଯାଇଛି ଭରସାର ବତୀଘର ସବୁ। ଆଜି ଦୁର୍ନୀତିର ଦଂଶନରେ ଭାରତବର୍ଷ ଜର୍ଜରିତ - ଜାଲିଆତିର ଜାଲରେ ଜନଗଣ ଛଟପଟ – ସମ୍ପୂର୍ଣ୍ଣ ଅଣନିଶ୍ୱାସୀ ।

କିନ୍ତୁ..... ଭାରତବର୍ଷ ନୁହେଁ, ଗୋଟାଏ ବିକଳ ଭଗ୍ନସ୍ତୁପ - ଏ ଦେଶ ! ପାଣି ପବନରେ ବିଷ । ପରିବେଶରେ ପାଉଁଶ । ସବୁଠି ଅଙ୍ଗାର। ସବୁଠି ଅନ୍ଧାର । ଅତୀତକୁ ନେଇ ଅନ୍ତହୀନ ଆସ୍ଫାଳନ, ଅଥଚ ଏ ଦେଶର ବର୍ତ୍ତମାନଟା କି ବିକୃତ, କି ବିଭତ୍ସ କି ବିକଳାଙ୍ଗ ! ବିଶାଳ ବିରୋଧାଭାସଟାଏ ଏ ଦେଶ... ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ – ଲଜ୍ଜା ଆଉ ସଂକୋଚରେ ମୁହଁ ଘୋଡେଇବେ ଆମ ପୂର୍ବପୁରୁଷ ।

ଆଜିର ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏ ଦୁର୍ଭାଗା ଦେଶକୁ । ନେତୃତ୍ୱର ସଂକଟ ସହିତ ମୂଲ୍ୟବୋଧର ମୃତ୍ୟୁ ଆଜି ଭାରତୀୟ ରାଜନୀତିକୁ ପରିଣତ କରିଛି କେବଳ – କଂସେଇମାନଙ୍କ କାରଖାନାରେ । ସେଥିପାଇଁ ବର୍ତ୍ତମାନର ରାଜନୀତି କ୍ଷେତ୍ରରେ ଶୋଷକବର୍ଗ ହିଁ ସାଜିଛନ୍ତି ଶାସକଶ୍ରେଣୀ ! ଦୁର୍ବୃତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ ! ମାଫିଆ ହୋଇଛି ମୁଖିଆ । ଗୁଣ୍ଡା ବନିଛି ପଣ୍ଡା – ମେଣ୍ଢା ପାଲିଟିଛି ଭେଣ୍ଡା – ଜିରୋ ହୋଇଛି ହିରୋ ।

ଘାତକମାନଙ୍କ ଆଖିରେ ଲୋତକ ଦେଖି ଭୁଆଁ ବୁଲୁଚି ଭାରତୀୟ ଜନତା ସ୍ୱର୍ଣ୍ଣ କଙ୍କଣଧାରୀ ବୃଦ୍ଧ ବ୍ୟାଘ୍ରର ବିଜ୍ଞପ୍ତି ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବପିଢି । ଚଂଚକ ରାଜନୈତିକ ଚରିତ୍ର ଚଳୁ କରିବାକୁ ବସିଛି ତମାମ ଦେଶକୁ । ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଗୋଟାଏ ଗୋପନ ସମ୍ପର୍କ। ଭିନ୍ନ ଭିନ୍ନ ନାମ ଓ ଦଳର ଗୋଟାଏ ଦୋକାନଦାରୀ ପାଲଟି ଯାଇଛି ସାମ୍ପ୍ରତିକ ଭ୍ରଷ୍ଟ ରାଜନୀତି । ଏକ ନାଉର ମଞ୍ଜି ସବୁ ନିଜ ନିଜ ପାଇଁ ଦଖଲ କରି ନେଇଛନ୍ତି ଭିନ୍ନ ଭିନ୍ନ କିଆରି ! ଜନସ୍ୱାର୍ଥ ନୁହେଁ ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହୋଇଉଠିଛି ସେମାନଙ୍କର ଏକମାତ୍ର ଆଭିମୁଖ୍ୟ । ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତାମଥାରେ ଥୋପି । ନେତାର ଚାଲିଛି – ବିଧାନସଭା, ରାଜ୍ୟସଭା, ଲୋକସଭା – ଜନତାର କେବଳ ଶୋକସଭା । ମୁଖପାତ୍ର ସାଜିଥିବା ମହାପାତ୍ରମାନେ ଦିନ ଦ୍ୱିପହରରେ ସବୁକିଛି ଲୁଟି ଚୁରିମାରି ନେଉଥିବା ବେଳେ ଶୂନ୍ୟ ଦୃଷ୍ଟିରେ ଆଁ କରି ଅନେଇଛି ଜଲକା ଜନତା ।

ଆଜି ମନ୍ଦିର-ମସଜିଦ୍‌କୁ ନେଇ ଝଗଡା ! ଧର୍ମ-ବିଧର୍ମକୁ ନେଇ ବିବାଦ। ସୀମା-ସନ୍ତ୍ରାସକୁ ନେଇ ତୁମ୍ବି ତୋଫାନ୍ । ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳ କରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା'ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି । ମାଟିଠୁ ମଣିଷକୁ ଅଲଗା କରି ଦିଆଯାଉଛି । ଲକ୍ଷ୍ୟଠୁ ଲୋଚନାକୁ ଦୂରେଇ ରଖାଯାଉଛି, ସ୍ୱପ୍ନକୁ ସଂକଳ୍ପକୁ ହଟାଇ ନିଆଯାଉଛି। ସବୁ ସ୍ତରରେ ଲେଲିହାନ୍ ଲୋଲଜିହ୍ୱା ବିସ୍ତାର କରି ଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା। ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକଶ୍ରେଣୀ, ଖଟରେ ଶୋଇ ମଠରେ ମାମଲାତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ସି ଆଗରେ ଚେହେରା ସଜଉଥିବା ପ୍ରଶାସକ ବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ ।

ଆମେ ଲୁଟେରାମାନଙ୍କ ହାତମୁଠାରେ ଲଟେରୀ ଟିକେଟ୍‌ଟାଏ କରି ବଢେଇ ଦେଇଛୁ ଆମର ଏ ପ୍ରିୟ ଭାରତବର୍ଷକୁ । କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ - କ୍ଷୁଧିତ ରାଜନୀତି ବିସ୍ତାର କରି ସାରିଛି ତାର ଭୟଙ୍କର ଫଣା । ଜଘନ୍ୟ ଜନଜହ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍କାର ଭିତରେ ମିଳେଇ ଯାଉଛି ପ୍ରବଂଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର ! ବାପ ଯାଉଛି ଦାଦନକୁ, ମା ଗୋଟୋଉଛି ଗୋବର, ପିଲାବିକ୍ରି ହେଉଛି ବିଟ୍ ବଜାରରେ ! ଅଥଚ ମୋଟା ସମ୍ବିଧାନର ବୋଝ ମୁଣ୍ଡେଇ ଛୋଟା ଗଣତନ୍ତ୍ର ବାଟସାରା କେବଳ ବାଂଟିଚାଲିଛି ଫମ୍ପା ପ୍ରତିଶ୍ରୁତିର ପାମ୍ପରା ପାମ୍ଫଲେଟ୍ ।

ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା'ର ପରିଣତି କଣ ଏଇ ? ଦୁଇଶ' ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୫ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ। ଦୁଇଶ' ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୫ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୁହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା ।

ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ'ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇ ଦେବା ତା' ଭିତରେ?

ବର୍ତ୍ତମାନର ଭସ୍ମୀଭୂତ ଭାରତବର୍ଷ ଓ ସଂତ୍ରସ୍ତ ସମାଜ ବ୍ୟବସ୍ଥା ପାଇଁ ପରିତ୍ରାଣର ପନ୍ଥା ଖୋଜା ଚାଲିଛି ବିଭିନ୍ନ ସ୍ତରରେ । ଭସ୍ମସ୍ତୁପ ମଧ୍ୟରୁ ଭବିଷ୍ୟତକୁ ଉଦ୍ଧାର କରିବା ଏବଂ ଭଗ୍ନସ୍ତୁପ ମଧ୍ୟରୁ ଜନଜୀବନକୁ ରକ୍ଷା କରିବା ନିମନ୍ତେ ଆଜି ଯେଉଁ ଅଙ୍ଗୀକାରବଦ୍ଧ ଆନ୍ଦୋଳନ ଓ ଗଣସଂଗ୍ରାମର ଏକାନ୍ତ ପ୍ରୟୋଜନ, ସେଥି ନିମନ୍ତେ ଆମ ସମସ୍ତଙ୍କର ସମ୍ମିଳିତ ସଂକଳ୍ପ ଅପରିହାର୍ଯ୍ୟ ।

ଆଜି ସମୟ ଆସିଛି, ଆମକୁ ବାଛି ନେବାକୁ ପଡିବ ଆମର ଗତି କେଉଁ ଦିଗକୁ - ପଛକୁ ନା ଆଗକୁ। ଏବେ ଆରମ୍ଭ ହେଉ ଆଉ ଏକ ଆଜାଦୀର ଅଭିଯାନ, ଆଉ ଏକ ଅଦମ୍ୟ ସଂଗ୍ରାମର ଅତନ୍ଦ୍ର ଅଭିଯାତ୍ରା ପ୍ରବଚିଂତ ଭାରତବର୍ଷର ଚିର ଉପେକ୍ଷିତ ଭୂମି ଏହି ଦୁଃଖିନୀ ଓଡିଶା ବୁକୁରେ ହିଁ ସୁରୁହେଉ ଏହି ଗୁରୁଦାୟିତ୍ୱ ନିର୍ବାହର ଆଦ୍ୟ ଅଙ୍ଗୀକାର। ଭବିଷ୍ୟତର ମହାମୁକ୍ତି ସଂଗ୍ରାମର ପ୍ରକୃତ କୁରୁକ୍ଷେତ୍ର ହେଉ ଆମର ଏ ଅବହେଳିତ ଭୂମି । ଦାରିଦ୍ର୍ୟ, ଦୁଃସ୍ଥିତି, ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଗୁଣ୍ଡାଗର୍ଦ୍ଦୀ – ସବୁକିଛି ବିଡମ୍ବନା ବିରୋଧରେ ଯୁଦ୍ଧ ଘୋଷଣା କରୁ ଓଡିଶାର ତପ୍ତ ତାରୁଣ୍ୟ ! ବାର୍ଦ୍ଧକ୍ୟ ବୈରାଗ୍ୟ ଓ ବ୍ୟାଧିମୁକ୍ତ ଭାରତବର୍ଷ ପାଇଁ ଏଇଠୁ ହିଁ ଆରମ୍ଭ ହେଉ ତରୁଣ ଓଡିଶାର ଉତ୍ସର୍ଗୀକୃତ ଅଗ୍ନିତପସ୍ୟା । ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ଗଣସଂଗ୍ରାମର ଅମୋଘ ଅସ୍ତ୍ର । ସତ୍ ମନର ସ୍ୱପ୍ନ ଯଦି ସଂକଳ୍ପରେ ପରିଣତ ହୁଏ, ତେବେ ନିଶ୍ଚିତ ଭାବରେ ସାର୍ଥକ ହେବ ଆମର ଆଗାମୀ ସମାଜର ସର୍ଜନା ଓ ସଂରଚନା ।


ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# କୋଭିଡ ସମସ୍ୟା କଣ ଟଳିବ ନାହିଁ !



ପ୍ରଦୋଷ କୁମାର ଦାସ

ବିଶ୍ୱକୁ ଥରହର କରି ରଖିଥିବା ମହାମାରୀ କୋଭିଡ-୧୯ ଭୂତାଣୁକୁ ଏଯାଏଁ ୨ ବର୍ଷ ପୁରିନାହିଁ। ହେଲେ ଏହି ମାରକ ଭୂତାଣୁ ସାରା ବିଶ୍ୱରେ ଏଯାବତ୍ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ନେଇସାରିଛି।

ଏଥିରେ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ବ୍ରାଜିଲ ଭଳି ଆର୍ଥିକ, ବୈଷୟିକ ସମୃଦ୍ଧ ରାଷ୍ଟ୍ରରେ ମୃତ୍ୟୁସଂଖ୍ୟା ସର୍ବାଧିକ ହୋଇଛି। କାରଣ ସେଠାରେ ଶିକ୍ଷିତ ଲୋକେ ମଧ୍ୟ ଏହି ମହାମାରୀର ଗୁରୁତ୍ୱକୁ ହେଜି ଆବଶ୍ୟକ ସାମାଜିକ ଦୂରତା ରକ୍ଷା କରିବାରେ ବେପରୁଆ ରହିବାରୁ ସଂକ୍ରମଣ ବନାଗ୍ନୀ ଭଳି ସେଠାରେ ବ୍ୟାପିଯାଇଥିବା କୁହାଯାଉଛି। କୋଭିଡ ଉତ୍ପତ୍ତି ସ୍ଥଳ କୁହାଯାଉଥିବା ଚୀନରେ ସଂକ୍ରମଣ ମାମଲା ପୁଣି ଅଣାୟତ୍ତ ହେଲାଣି ।ଚୀନର ରାଜଧାନୀ ବେଜିଙ୍ଗରେ ସଂକ୍ରମଣ ପରିସ୍ଥିତି ସଂଗୀନ ବୋଲି କୁହାଯାଉଛି। ଏହାକୁ ଲକ୍ଷ୍ୟ କରି ଏବେ ଚୀନର କିଛି ପ୍ରଦେଶରେ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ସେଠା ସରକାରଙ୍କ ପକ୍ଷରୁ ପୁଣି ତାଲା ବନ୍ଦ ସହ କଟକଣା ଜାରି ହେଲାଣି।

ଗତ କିଛି ସପ୍ତାହ ଧରି ବିଶ୍ୱର ବିଭିନ୍ନ ଦେଶରେ କରୋନା ଗ୍ରାଫ ପୁଣି ଉପରମୁହାଁ ହେଲାଣି। ଏଥିରେ ୟୁରୋପ ଓ ଆମେରିକାର ଅନେକ ଦେଶ ପ୍ରଭାବିତ ହୋଇଥିବାରୁ ସେଠାରେ ଉଭୟ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ଏଥିରେ ଜାତିସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ମଧ୍ୟ ଉଦବେଗ ପ୍ରକାଶ ପାଇଲାଣି।

ଏପରି ସ୍ଥିତିରେ ଆମ ଭାରତରେ ୩ୟ ଲହର ଆଶଙ୍କିତ ଅବସ୍ଥାରେ ରହିଥିବା ବିଶେଷଜ୍ଞମାନଙ୍କ ଆକଳନରୁ ପ୍ରକାଶ। ଏବେ ସର୍ବଭାରତୀୟ ସ୍ତରରେ ଦୈନିକ ସଂକ୍ରମଣ ମାମଲା ୨୦ ହଜାର ତଳେ ରହିଥିବା ବେଳେ କିଛି ରାଜ୍ୟରେ କରୋନାର ପ୍ରାଦୁର୍ଭାବ ପୁଣି ଚିନ୍ତାଜନକ ଅବସ୍ଥାକୁ ଆସିଗଲାଣି ।

କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ ଆଦି ରାଜ୍ୟରେ ଦୈନିକ ସଂକ୍ରମଣ ମାମଲା ଏବେ ହଜାରେ ଉପରେ ଚାଲିଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ ଆନ୍ଧ୍ରପ୍ରଦେଶ, ଆସାମ, ଓଡିଶାରେ ମଧ୍ୟ ପୂର୍ବାପେକ୍ଷା କରୋନା ରୂପକ ଘାତକ ସର୍ପ ତାର ଫଣା ଟେକିଲାଣି। ଏହାକୁ ଭିତ୍ତି କରି ଭାରତରେ କରୋନାର ୩ୟ ଲହର ଆସିବକି ଆଉ ବୋଲି ସ୍ୱାସ୍ଥ୍ୟ ସଚେତନଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସବୁଠାରୁ ଅଧିକ ସଂକ୍ରମଣରେ ପ୍ରଭାବୀ ରହୁଥିବା ବିଶ୍ୱରେ 'ଡେଲଟା ଏୱାଇ୪.୨ 'ମାମଲା ଚିହ୍ନଟ ହେବା ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ଚିନ୍ତା ବଢାଇଲାଣି। ଏମଧ୍ୟରେ ସାରା ବିଶ୍ୱରେ ପ୍ରାୟ ୪୨ଟି ଦେଶରେ ଏହି ମାରକ ପ୍ରଜାତିର ଭୂତାଣୁ (ଡେଲଟା ଏୱାଇ୪.୨ କରୋନା ଭୂତାଣୁ) ମାମଲା ପ୍ରାୟ ୨୬ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଚିହ୍ନଟ ହେଲାଣି। ଉଲ୍ଲେଖଯୋଗ୍ୟ ଭାରତରେ ମଧ୍ୟ ଏହି ପ୍ରଜାତିର ମାରକ ଭୂତାଣୁ ମୋଟ ୧୭ ଟି ଚିହ୍ନଟ ହୋଇସାରିଛି। ଆନ୍ଧ୍ର ପ୍ରଦେଶ, କେରଳ, ତେଲେଙ୍ଗନା, ମହାରାଷ୍ଟ୍ର, ଜାମ୍ମୁ କାଶ୍ମୀର ଆଦି ରାଜ୍ୟରେ ଅପେକ୍ଷାକୃତ ଅଧିକ ସଂକ୍ରମଣଶୀଳ ଏହି ନୂଆ ପ୍ରଜାତିର ମାମଲା ଠାବ ହୋଇଥିବା ପ୍ରକାଶ। ବର୍ତ୍ତମାନ ସାରା ଦେଶରେ ୩କୋଟି, ୪୨ ଲକ୍ଷ, ୮୫ ହଜାର, ୮୧୪ ରେ ସଂକ୍ରମିତଙ୍କ ସଂଖ୍ୟା ପହଞ୍ଚିଥିବା ବେଳେ ୪ ଲକ୍ଷ ୫୮ ହଜାର ୪୭୦ ଜଣଙ୍କର ମୃତ୍ୟୁ ହୋଇଛି। ଏବେ ମଧ୍ୟ ସାରା ଦେଶରେ ସକ୍ରିୟ ମାମଲା ୧ ଲକ୍ଷ ୫୮ ହଜାର ୮୧୭ ଜଣ (ଚଳିତ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା) ରହିଛନ୍ତି। ଦେଶରେ ଦୈନିକ ପଜିଟିଭ ହାର ୧.୪୨ ପ୍ରତିଶତ ରହିଥିବା ରହିଥିଲେ ମଧ୍ୟ ସରକାରୀ ପ୍ରଶାସନର ନୀତିନିୟମ, କଟକଣାକୁ କାର୍ଯ୍ୟକାରୀ କରାଇବାରେ ବିଭାଗୀୟ କର୍ମଚାରୀଙ୍କ ଉଦାସୀନତା ସମେତ କିଛି ଅମାନିଆ ଜନସାଧାରଣଙ୍କ ବେପରୁଆ ଗୁଣରୁ କରୋନାର ସମ୍ଭାବ୍ୟ ୩ୟ ଲହର ଆଗମନ ହେବାର ଆଶଙ୍କା ବଢାଇବାରେ ଲାଗିଛି। ସର୍ବଭାରତୀୟ ସ୍ତରରେ କୋଭିଡର ଦୁଇ ମାତ୍ରା ଟିକାକରଣ ଏଯାବତ୍ ଅସମ୍ପୂର୍ଣ୍ଣ ରହିଛି। ଯଦିଓ କୋଭିଡର ପ୍ରଥମ ମାତ୍ରା ଟିକାକରଣ ଏମଧ୍ୟରେ ଶହେ କୋଟି ଛୁଇଁ ବିଶ୍ୱରେ ରେକର୍ଡ କରିଛି ବୋଲି କୁହାଯାଉଛି, ହେଲେ ଏହାର ୨ୟ ମାତ୍ରା ଟିକା ନେବାରେ ଦେଶର ଅନେକଙ୍କର ଆଗ୍ରହ ଓ ସ୍ପୃହା ଜାଗରିତ ହେଉନଥିବା ଲକ୍ଷ୍ୟ କରାଯାଉଛି। ଏହି ଟିକା କୁଣ୍ଠା ଅବା ଅନାଗ୍ରହତା ଟିକାକରଣ ଅବ୍ୟବସ୍ଥା ଓ ଅସଚେତନତା କାରଣରୁ ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

କୋଭିଡ ସମସ୍ୟା କଣ ଟଳିବ ନାହିଁକି ବୋଲି ସ୍ୱାସ୍ଥ୍ୟ ସଚେତନ ଜନସାଧାରଣଙ୍କ ପକ୍ଷରୁ ପ୍ରଶ୍ନ ହେଉଛି। ସମସ୍ୟା ସମାଧାନ ପାଇଁ ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରଥମେ ନିଜର ନୀତିନିୟମକୁ ଲାଗୁ କରିବା ପୂର୍ବରୁ ଏହାର ଅନୁପାଳନରେ ସର୍ବସାଧାରଣଙ୍କ ଏକନିଷ୍ଠତା କିପରି ସମ୍ଭବ ହୋଇପାରିବ ବୋଲି ବିଚାରଣା କରିବା ଜରୁରୀ ମନେ ହେଉଛି।

ଯଥା ସମ୍ଭବ ସବୁରିଙ୍କୁ ବୋଧଗମ୍ୟ ହେବାକୁ ହେଲେ କୋଭିଡ-୧୯ ସଂକ୍ରମଣ ଏଡାଇବାକୁ ଗତଦିନରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ବାରମ୍ବାର ଗାଇଡ ଲାଇନ ଜାରି କରାଯାଇ ଥରକୁଥର, ସଟଡାଉନ, ଲକ ଡାଉନ, କଣ୍ଟେନମେଣ୍ଟ ଜୋନ ଘୋଷଣା କାର୍ଯ୍ୟକାରୀ କରାଯାଇଥିଲା। ମୂଳ ଲକ୍ଷ୍ୟ ଥିଲା ଭିଡକୁ ଏଡାଇ କରୋନାର ସଂକ୍ରମଣ ଶୃଙ୍ଖଳକୁ ଛିନ୍ନ କରିବା। ସରକାରୀ କଟକଣା ମଧ୍ୟରେ ଦେଶର ଜନସାଧାରଣ ନିଜର ଜୀବନ ଜୀବିକାକୁ ମଧ୍ୟ ବାଜି ଲଗାଇ ଘରେ ରହିବାକୁ ଇଚ୍ଛାଅନିଚ୍ଛାରେ ଚୌହଦିରେ ରହି ସମର୍ଥନ ଜଣାଇଥିଲେ ବାଧ ହୋଇଥିଲେ। ସାମାଜିକ ଦୂରତା ରକ୍ଷା ଏକମାତ୍ର ରକ୍ଷା କବଚ ବୋଲି କୁହାଯାଉଥିଲେ ମଧ୍ୟ ଅମାନିଆ, ବେପରୁଆ ଏଥିରେ ଟିକେ ମଧ୍ୟ ପରତେ ଗଲେନାହିଁ। କରୋନା କଟକଣାକୁ ଯେପରି ବେପରୁଆ, ଅମାନିଆମାନେ ଫୁ କରି ଉଡାଇଦେଇଥିଲେ। ହେଲେ ନିକଟ ଅତୀତ କରୋନା ସଂକ୍ରମଣର ସନ୍ଧିକ୍ଷଣରେ ଦେଶର ବିଭିନ୍ନ ରାଜ୍ୟରେ ନିର୍ବାଚନ ଓ ଉପ ନିର୍ବାଚନ ହୋଇଛି। ଏହି ଅବସରରେ ଚାଲିଥିବା ନିର୍ବାଚନ ପ୍ରଚାର, ନିର୍ବାଚନୀ ସଭା ଓ ଗସ୍ତ କାର୍ଯ୍ୟକ୍ରମରେ ହୋହଲ୍ଲା, ଭିଡ କଣ ସଂକ୍ରମଣକୁ ସୁହାଇ ନାହିଁକି ବୋଲି ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ସାମାଜିକ ଦୂରତା ରକ୍ଷା ପାଇଁ ଜାରି କଟକଣା ଅନୁପାଳନରେ କାର୍ଯ୍ୟତଃ ସରକାର ନା ପ୍ରଶାସନ ପାଇଁ ଆବଶ୍ୟକ ସତ୍ୟନିଷ୍ଠାର କେଉଁଠି ଅଭାବ ରହିଗଲା? ଏବେ ମଧ୍ୟ କରୋନା ସଂକ୍ରମଣ ଏଡାଇବାକୁ ଦେଶରେ ଅନେକ ସ୍ତରରେ ଅଚଳାବସ୍ଥା ଲାଗି ରହିଛି। କରୋନା ସଂକ୍ରମଣ ଆଶଙ୍କା ଜନୀତ ଲାଗୁ ବନ୍ଦ କାରଣରୁ ଦେଶର ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଦୂରାବସ୍ଥା ଲାଗିରହିଛି। ଦେଶର ଶିକ୍ଷାନୁଷ୍ଠାନ ଗୁଡିକ ପୂର୍ବବତ୍ ସ୍ୱାଭାବିକ ଢଙ୍ଗରେ ଚାଲିବାକୁ ଆହୁରି ଅନେକ ସମୟ ଲାଗିବ। ଏଯାଏଁ ପ୍ରାଥମିକ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଛି। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)



କବିତା କୋଣାର୍କ

## ଭଲ ମଣିଷ ଖୋଜା ଚାଲିଛି

ଡ. ମନୋରଞ୍ଜନ ବିଷୋୟୀ



ଭଲମଣିଷ ଖୋଜୁ ଖୋଜୁ
କେତେବେଳେ
ନିଜେ ହଜିଯାଏ ।
ଆଉ କେତେ ବେଳେ
ଏ ହଜିବା ଭିତରେ
କିଛି ମଣିଷକୁ
ଖୋଜି ପାଇଥାଏ ।
ତଥାପି ମଣିଷର
ଅସଲ ଚେହେରାକୁ
କ'ଣ ଦେଖି ହୁଏ ?
ସେ କେଉଁ ରୂପରେ
ରୂପାନ୍ତର ପାଇଁ
ଅଭିଷେକ କରୁଥାଏ
ତାହା କ'ଣ
ସହଜରେ ଜାଣି ହୁଏ ?
ତା'ର ଗୋପନୀୟ ଇଚ୍ଛାକୁ
ଜାଣିବାର ଉପଲବ୍ଧି
ଆମ ପାଖରେ
ପହଞ୍ଚିଲା ବେଳକୁ
ସମୟ ହାତ ପାହାନ୍ତାରୁ
କୁଦା ମାରି ଚାଲି ଯାଇଥାଏ ।
ସମୟ ଚାଲିଗଲା ପରେ
ଆଉ ଧରା ନ ଦେଇ
ଆମ ସହ ସେ
ଛାଇ ଆଲୁଅର ଖେଳ ଖେଳୁଥାଏ ।
ତେଣୁ ତ ମଣିଷକୁ
ଯେତିକି ବୁଝାଯାଏ
ତା'ଠାରୁ ବେଶି ସେ
ଅବୁଝା ରହିଯାଏ ।
ତଥାପି ନିଶବ୍ଦରେ ଆସି
କେହି ଜଣେ
କାନେ କାନେ କହିଯାଏ
ମୋତେ ଚିହ୍ନିବା ପୂର୍ବରୁ
ନିଜେ ନିଜକୁ ଚିହ୍ନିପାରିଲେ
ମୋତେ ଖୋଜି ପାଇବା
ସହଜ ହୋଇଥାଏ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ)୮୮୯୫୧୪୧୭୨୭


## ପୂଜା ଫୁଲ

ରମେଶ ଚନ୍ଦ୍ର ନାୟକ



ଗଛ ଡାଳେ ରହି ଦୋଳି ଖେଳୁଥାଇ
ମୁଁ ରଙ୍ଗୀନ ପୂଜା ଫୁଲ
ହସେ ଖିଲି ଖିଲି ନିତି ପ୍ରଭାତରେ
ସୂରୁଯ କରିଲେ ଗେଲ ।

ମୋ ମଧୁର ବାସ ଖେଳେ ଚଉଦିଗେ
ପାଗଳ ଭଅଁର ଗଣ
ଗୁଣୁ ଗୁଣୁ ସୁରେ କବିତା ବୋଲନ୍ତି
କିଣିବାକୁ ମୋର ମନ ।

ଟିକି ଡେଣା ଝାଡି ଉଡେ ପ୍ରଜାପତି
ସାଥେ ଖେଳେ ଲୁଚକାଳି
ପାଶେ ଆସି ମୋର ଚୁପି କାନେ କୁହେ
ଭଲ ପାଏ ମୋତେ ବୋଲି ।

ପାଖୁଡ଼ା ପୃଷ୍ଠରୁ ଝରଇ ଲୋତକ
ଦେହେ ଖେଳେ ଶିହରଣ
ଡେମ୍ଫ ହଲାଇ ମୁଁ ନାଇଁ ନାଇଁ କହେ
ପ୍ରଭୁଙ୍କ ପାଶେ ମୋ ମନ ।

ଭକ୍ତ ଜନ ହାତେ ଦେବା ଦେବୀ ପାଶେ
ଖୋଜା ହୁଏ ପୂଜା ପାଇଁ
ପ୍ରଭୁଙ୍କୁ ଛୁଇଁଲେ ହୋଇଯାଏ ଧନ୍ୟ
ଆଉ କିଛି ଲୋଡେ ନାହିଁ ।

ବିଭା ବ୍ରତ ଆଉ ପୂଜା ପାଠ କାଳେ
ଈଶ୍ୱରଙ୍କୁ କରେ ଅଳି
ଶବ ଶୋଭାଯାତ୍ରା ଦାହ କର୍ମ ବେଳେ
ଦେଇଥାଏ ଶ୍ରଦ୍ଧାଞ୍ଜଳି ।

ସକାଳୁ ସକାଳୁ ଅତି ଶରଧାରେ
ଟାଙ୍ଗୁଡେ ନିଅନ୍ତି ତୋଳି
କିଏ କରେ ହାର କିଏ ଫୁଲ ତୋଡା
ନାନା ବେଶ ସଜ କରି ।

ଜୀବନ ମୋହର କ୍ଷଣିକ ମାତର
ରୂପ ରଙ୍ଗ ବାସ ହଜେ
ଈଶ୍ୱରଙ୍କୁ ଡାକେ ପୁନର୍ଜନ୍ମ ପାଇଁ
ମନଭରି ତାଙ୍କୁ ପୂଜେ ।


♥ କେଶରପୁର,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦


## ଅଦୃଶ୍ୟ ଶତ୍ରୁ

ଦିନେଶ ମେହେରା



ଅଦୃଶ୍ୟ ଶତ୍ରୁର କୋପ
ଖେଳି ଯାଏ ଦୁନିଆ ସାରା
କଳାହାଣ୍ଡିରୁ କାଲିଫର୍ଣ୍ଣିଆ ଯାଏଁ
ଅଦୃଶ୍ୟ ଶତ୍ରୁର କରାଳ ରୂପ
ବିଶ୍ୱବାସୀଙ୍କୁ ଭୀତତ୍ରସ୍ତ କରେ,
ଭୟରେ ଜନତା
ଭୟରେ ପ୍ରଶାସନ
ଅଡୁଆରେ ସରକାର
ପଦକ୍ଷେପ ପରେ ପଦକ୍ଷେପ!
ତାଲାବନ୍ଦ ପରେ ତାଲାବନ୍ଦ କରି
ସରକାର ଅଦୃଶ୍ୟ ଶତ୍ରୁର ଦମନ
ଆଶାରେ ଆଶାୟୀ
କିନ୍ତୁ
କେବେ କୋରୋନା
କେବେ ଡେଲଟା
କେବେ ଓମିକ୍ରନ୍ ନାମରେ
ଶତ୍ରୁର ନୂଆ ନୂଆ ଅବତାର
ସରକାରଙ୍କ ମନରେ ଜାଗ୍ରତ କରେ
ଅସଂଖ୍ୟ ଭୀତ !
ଖାଁ ଖାଁ ନିରବତା
ଜନଶୂନ୍ୟ ଗଳି ରାସ୍ତା
ଭୟ ତାର ସବୁଠି,
ମାନବ ସମାଜର
ପତନର ଚିନ୍ତା କରିଛି,
ଜୀବନ ଅମୂଲ୍ୟ !
ମୃତ୍ୟୁର ପଥ ଭାରି ଶସ୍ତା।
ବ୍ୟଗ୍ରତା ର ପଥ ଇଯେ
ବେଶୀଦିନ ତିଷ୍ଠିବନି
ଯୁଦ୍ଧ ଇଏ ଜିତିବା ନିଶ୍ଚୟ
ଅଦୃଶ୍ୟ ଶତ୍ରୁ ହରିବ
ଦୁଃଖର ଦିନ ଆଉ ଅଳ୍ପ
ଏ ଦିନ ବି ଦିନେ
ମୁହଁ ମୋଡ଼ି ଚାଲିଯିବ।


♥ ପଳାସ, କଳାହାଣ୍ଡି
(ମୋ) ୮୦୧୮୮୨୮୪୫୬


## ମିଛେଇ ପ୍ରିୟତମା

ଜନ୍ମଜୟ ନାୟକ

ଭାଙ୍ଗିଦେଲୁ ପ୍ରେମର ବାଇଆ ବସା,
ମନେ ଭରିଦେଇଥିଲୁ ମିଛ ଆଶା।
ବିଶ୍ୱାସ ବଦଳେ ଦେଇ ପ୍ରତାରଣା,
ମୋ ପ୍ରେମକୁ କରିଲୁ ତୁ ବାଟବଣା ।

ପର କଲୁ ମଥାରେ ପିନ୍ଧି ସିନ୍ଦୂର,
କ୍ଷଣିକରେ ଛିଡେଇ ସେନେହ ଡୋର।
ଆଉ କାହା ପାଇଁ ପୂଜି ବୃନ୍ଦାବତୀ,
ସୁଖେ ବିତଉଛୁ ତୁହି ଦିନରାତି ।

ଅଜଣାରୁ ସାଜିଲୁ ତୁ ଆପଣାର,
ହୃଦୟକୁ କିଣି କରିଲୁ ତୁ ଘର।
ମିଛ ସଂପର୍କ ଯୋଡି ଭୁଲିଲୁ ସିନା।
ତୋ ଭିତରେ ହଜି ଭୁଲିଲି ଠିକଣା ।

ପଥର ତୋ ହୃଦୟ ତୁ ଦେଲୁ ଧୋକା,
ଲୁହର ଶ୍ରାବଣେ ମୁଁ ଭିଜୁଛି ଏକା ।
ସପନର ନୀଡ ଗଲା ଲୋ ଉଜୁଡି,
ମୋତେ ଏକା କରି ଗଲୁ ତୁହି ଛାଡି।

ହାରିଗଲି ପ୍ରେମଯୁଦ୍ଧେ ଆଜି ସିନା,
ଅସ୍ତିତ୍ୱ ନାହିଁଲୋ ପ୍ରିୟା ମୋର
ତୋ ବିନା ।
ଯେତେ ଦୁଃଖ ଦେଲୁ ନାହିଁ ତାର ସୀମା,
ଭୁଲିଗଲୁ ତୁ ମିଛେଇ ପ୍ରିୟତମା ।


♥ ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
(ମୋ)୯୩୩୭୮୦୦୫୬୫

# ପୁଷ୍ଟିରେ ଭରା ମଞ୍ଜି

ଫଳ ଓ ପନିପରିବା ପୁଷ୍ଟି ଯୋଗାଇଥାଆନ୍ତି । ଜାଣନ୍ତି କି ଫଳ ଓ ପରିବା ଭଳି କେତେକ ମଞ୍ଜିରେ ବି ରହିଛି କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ ଭଳି ପୌଷ୍ଟିକ ଉପାଦାନ ! କେବଳ ଏତିକି ନୁହେଁ, ଆହୁରି ଅନେକ ଗୁଣ ରହିଛି ସେସବୁ ମଞ୍ଜିରେ । ତେଣୁ ସେଗୁଡ଼ିକୁ ଅଦରକାରୀ ବୋଲି ଫିଙ୍ଗନ୍ତୁ ନାହିଁ ।



**ତରଭୁଜ:**
ଖରାଦିନେ ଏହି ଫଳଟି ସବୁରି ପ୍ରିୟ । ତରଭୁଜ ଖାଇସାରିବା ପରେ ସାଧାରଣତଃ ଆମେ ମଞ୍ଜିକୁ ଫିଙ୍ଗି ଦେଇଥାଉ । କିନ୍ତୁ ଜାଣନ୍ତି କି ତରଭୁଜର ମଞ୍ଜି ଅତି ଉପକାରୀ ଏହି ମଞ୍ଜିରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ ଥାଏ । ରକ୍ତରେ ଶର୍କରା ନିୟନ୍ତ୍ରଣ ପାଇଁ ମ୍ୟାଗ୍ନେସିୟମ ଅତି ଆବଶ୍ୟକୀୟ ଉପାଦାନ ଏହା ବ୍ୟତୀତ ସୋଡ଼ିୟମ, ପଟାସିୟମ, ମାଙ୍ଗାନିଜ, ଆଇରନ, ଫସଫରସ, କପର ଏବଂ ଜିଙ୍କ୍ ଭଳି ପୌଷ୍ଟିକ ଉପାଦାନ ଥାଏ ତରଭୁଜ ମଞ୍ଜିରେ । ଏହି ବୀଜ ଖାଦ୍ୟପୋଯୋଗୀ । ଆପଣମାନେ ବଜାରରୁ ଚାରମଗଜ ବୋଲି ଏକପ୍ରକାର ମଞ୍ଜି କିଣୁଥିବେ । ଏହା ହେଉଛି ତରଭୁଜ ମଞ୍ଜି ।

**ସୂର୍ଯ୍ୟମୁଖୀ ମଞ୍ଜି:**
ଫଳଭଳି ଫୁଲର ମଞ୍ଜି ବି ଉପକାରୀ । ଯେମିତିକି ସୂର୍ଯ୍ୟମୁଖୀ ଫୁଲ । ଓମେଗା ୬ଫ୍ୟାଟ୍ ଏବଂ ପ୍ରଚୁର ମାତ୍ରାରେ ଭିଟାମିନ ଇ ଏବେଂ ବି କମ୍ପ୍ଲେକ୍ସ ଥାଏ ସୂର୍ଯ୍ୟମୁଖୀ ମଞ୍ଜିରେ । ଏହା ବ୍ୟତୀତ କ୍ୟାଲସିୟମ, ଆଇରନ, ମାଙ୍ଗାନିଜ, ଜିଙ୍କ ଏବଂ ଆମିନୋ ଏସିଡ୍ ଟ୍ରିପଟୋଫ୍ୟାନ ମଧ୍ୟ ଥାଏ ।





**ଅମୃତଭଣ୍ଡା:**
ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ ପରିବା । କିନ୍ତୁ ଜାଣନ୍ତି କି ଏହାର ମଞ୍ଜିକୁ ବିଦେଶରେ ଏବେ 'ସୁପରଫୁଡ୍' ବୋଲି କୁହାଯାଉଛି । ଏହା ମଧ୍ୟରେ ଥିବା ପୌଷ୍ଟିକ ଉ ପାଦାନଗୁଡ଼ିକ ଲିଭର ସିରୋସିସ୍ ନିରାମୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ କିଡନି ସୁସ୍ଥ ରଖିବା କ୍ଷେତ୍ରରେ ଏହି ମଞ୍ଜିର ଭୂମିକା ଅଛି । ଆର୍ଥଲାଇଟିସ୍ ଏବଂ ଜଏଣ୍ଟ ସୁସ୍ଥ ରଖିବା କ୍ଷେତ୍ରରେ ଏହି ମଞ୍ଜିର ଭୂମିକା ଅଛି । ଆର୍ଥରାଇଟିସ୍ ଏବଂ ଜଏଣ୍ଟ ପେନ ଭଲ କରିବା କ୍ଷେତ୍ରରେ ମଧ୍ୟ ଅଭୃତଭଣ୍ଡା ମଞ୍ଜି ଲାଭଜନକ । ଏହା ମଧ୍ୟରେ ଥିବା କରପାଇନ କ୍ଷାର ଆମର ଜୀବାଣୁଗୁଡ଼ିକୁ ଧ୍ୱଂସ କରିପାରେ ।

**କଖାରୁ ମଞ୍ଜି:**
କଖାରୁ ମଞ୍ଜିକୁ ପୁଷ୍ଟିର ପାୱାରହାଉସ୍ କୁହାଯାଇପାରେ । ଏଥିରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ, ମାଙ୍ଗାନିଜ, କପର ଓ ଜିଙ୍କ ଥାଏ । ଏହା ବ୍ୟତୀତ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ କଖାରୁ ମଞ୍ଜିରେ ।



**ତିସି/ଅଳସି ମଞ୍ଜି (ଫ୍ଲାକ୍ସ ସିଡ୍):**
ଏହି ମଞ୍ଜିରେ ରହିଛି ସ୍ୱାସ୍ଥ୍ୟ ପାଇ ଉପକାରୀ ଫ୍ୟାଟ୍ । ଅର୍ଥାତ୍ ପ୍ରଚୁର ମାତ୍ରାରେ ଓମେଗା ୩ଫ୍ୟାଟି ଏସିଡ୍ ଥାଏ ଏହି ମଞ୍ଜିରେ । ଏହା ବ୍ୟତୀତ ଏହି ମଞ୍ଜି ହୃଦରୋଗ, ମଧୁମେହ, ଷ୍ଟ୍ରୋକ୍ ଏମିତିକି କ୍ୟାନସର ନିୟନ୍ତ୍ରଣ କ୍ଷେତ୍ରରେ ବି ଉପକାରୀ ବୋଲି ନ୍ୟୁଟ୍ରିସନିଷ୍ଟମାନେ କହୁଛନ୍ତି । ତେଣୁ ଫ୍ଲାକ୍ସ ସିଡ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏହି ମଞ୍ଜି ଭାଜି କରି ଖାଇପାରିବେ । ଗୁଣ୍ଡ କରି ଡାଲି କିମ୍ବା ସୁପରେ ମିଶାଇ ଖାଇପାରିବେ । ଅଥବା ଭାଜି ସାଲାଡ ଡ୍ରେସିଂ ଭାବରେ ବି ଖାଇପାରିବେ ।





**ଚିଆ ମଞ୍ଜି:**
ଚିଆ ମଞ୍ଜିରେ ପ୍ରଚୁର ମାତ୍ରାରେ ଓମେଗା ୩ଫ୍ୟାଟ୍ ରହିଛି । ଏହା ବ୍ୟତୀତ ଆଇରନ ଏବଂ କ୍ୟାଲସିୟମରେ ଭରପୂର ଏହି ମଞ୍ଜି । ଏହା ଖାଇବାର ପଦ୍ଧତି ଟିକେ ଭିନ୍ନ । ରାତି ସାରା ଏହି ମଞ୍ଜିକୁ ପାଣିରେ ବତୁରାଇ ରଖନ୍ତୁ । ପରଦିନ ସକାଳେ ଏହାକୁ ଖାଆନ୍ତୁ ।

# ଉଠ୍ ବସହେବା ଉପକାରୀ



ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ । ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

# ବିବାହ ପୂର୍ବରୁ ଭଙ୍ଗା ବାସନ ଗୋଟାଇବା ପ୍ରଥା

ଆଗେ କୌଣସି ବିବାହ କାର୍ଯ୍ୟ ଦୃଢ଼ ନିଶ୍ଚିତ କରିବା ପାଇଁ ନିର୍ବନ୍ଧ ପରି ପ୍ରାକ୍ ?ବୈବାହିକ ଉତ୍ସବର ଆୟୋଜନ ହେଉଥିଲା । ଅବଶ୍ୟ ଏଥିରେ ଭାବୀ ବର କି କନ୍ୟାଙ୍କର କୌଣସି ଭୂମିକା ନଥିଲା । ଭୋଜିଭାତର ଆସର ମଧ୍ୟରେ ବନ୍ଧୁବାନ୍ଧବମାନେ କେବଳ ପରସ୍ପରକୁ ଜାଣିବାର ଅବକାଶ ମିଳୁଥିଲା । ମାତ୍ର ଆଜିକାଲି ବିବାହ ପୂର୍ବରୁ ଭାବୀ ଦମ୍ପତିଙ୍କୁ ଏକାଠି କରିବା ଲାଗି ମୁଦିପିନ୍ଧା ପରି ଅଭିନବ ଉତ୍ସବର ଆୟୋଜନ କରାଯାଉଥିବା ଦେଖିବାକୁ ମିଳୁଛି । ଏଥିରେ ବାହାଘରଠୁ ବି ବଳିକି ଭୋଜିଭାତ ସହ ବରକନ୍ୟାଙ୍କୁ ମିଶିବାର ଅଲିଖିତ ସ୍ୱୀକୃତି ଦିଆଯାଉଛି । ମାତ୍ର ଜର୍ମାନୀ ପରମ୍ପରାରେ ଏଭଳି ଭାବୀ ଦମ୍ପତିଙ୍କ ଉଦ୍ଦେଶ୍ୟରେ ପ୍ରାକ୍‌ପରିଣୟ ଉତ୍ସବର ଆୟୋଜିତ ହେଉଥିଲେ ହେଁ ତାହା ନିଆରା ଓ ତାହା ପଛରେ ଏକ ମହତ୍ କାରଣ ରହିଛି । ସେଠାରେ ବିବାହ ପୂର୍ବରୁ ଭାବୀ ବରକନ୍ୟାଙ୍କ ବନ୍ଧୁବାନ୍ଧବମାନେ ଏକତ୍ରିତ ହୋଇ ଭୋଜିଭାତରେ ମସଗୁଲ ହୋଇଥା'ନ୍ତି । ମାତ୍ର ସେମାନେ ସେଠାରେ ଭୋଜିରେ ଆପ୍ୟାୟିତ ହୋଇସାରିଲା ପରେ ବାସନକୁସନ ସବୁ ଭାଙ୍ଗିରୁଜି ଫିଙ୍ଗାଫୋପଡ଼ା କରିଥା'ନ୍ତି । ଆଉ ନବଦମ୍ପତିଙ୍କୁ ସେସବୁ ଗୋଟାଇ ସଫା କରିବାକୁ ବାଧ୍ୟ କରାଯାଇଥାଏ ।




ସୁନ୍ଦର ଘରସଂସାରର ସ୍ୱପ୍ନରେ ବିଭୋର ଥିବା ଭାବୀ ଦମ୍ପତି ମଧ୍ୟ କୌଣସି ଦ୍ୱିଧା ନରଖି ଛିନ୍‌ଛତ୍ର ହୋଇ ପଡ଼ିଥିବା ଭଙ୍ଗାରୁଜା ବାସନ ଓ ଅଳିଆ ଆବର୍ଜନା ସବୁ ନିଜ ହାତରେ ଗୋଟାଇ ଉତ୍ସବସ୍ଥଳକୁ ପରିଷ୍କାର କରିଥା'ନ୍ତି । ଏପରି କରିବା ଦ୍ୱାରା ସେମାନଙ୍କ ମନରେ କଠିନ ସମୟରେ ଏକାଠି କାମ କରିବାର ସ୍ପୃହା ଜାଗ୍ରତ କରାଯାଇପାରିବ ବୋଲି ସେ ଦେଶରେ ଏକ ବିଚିତ୍ର ବିଧି ରହିଛି । ଏହା ସେମାନଙ୍କ ଦାମ୍ପତ୍ୟ ଜୀବନକୁ ଅଧିକ ମଜଭୁତ କରିପାରିବ ବୋଲି ଲୋକଙ୍କର ବିଶ୍ୱାସ ରହିଛି ।

# କେଶ ମେହେନ୍ଦୀ କରୁଥିଲେ...



କେଶରେ ରାସାୟନିକ ରଙ୍ଗ ଲଗାଇବା ପରିବର୍ତ୍ତେ ମେହେନ୍ଦୀ ଲଗାଇବା ଭଲ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞ ଶେହନାଜ୍ ହୁସେନ୍ ପ୍ରକାଶ କରିଛନ୍ତି । ମାସକୁ ଅତିକମରେ ୨ଥର କେଶରେ ମେହେନ୍ଦୀ କରିବା ଉତ୍ତମ ପ୍ରଭାବ ପକାଇଥାଏ ।

- କଫି ଫୁଟା ପାଣିରେ ମେହେନ୍ଦୀ ଗୁଣ୍ଡକୁ ରାତିରୁ ମିଶାଇ ପେଷ୍ଟ କରି ରଖିଲେ ତାହା କେଶକୁ ଭଲ ରଙ୍ଗ ଦେଇଥାଏ । ଅଧ କପ୍ ପାଣିକୁ ଭଲରେ ଫୁଟାଇ ସେଥିରେ ୨ ଛୋଟ ଚାମଚ କଫି ପାଉଡର ମିଶାନ୍ତୁ । ସେହି କଫି ପାଣି ଥଣ୍ଡା ହେବା ପରେ ସେଥିରେ ମେହେନ୍ଦୀ ଗୁଣ୍ଡ ମିଶାଇ କେଶରେ ଲଗାଇ ୨-୩ ଘଣ୍ଟା ପରେ ଧୋଇନେବେ ।
- ଅଣ୍ଡା କେଶକୁ ଶକ୍ତି ଦେଇଥାଏ, ଏଣୁ ଏହାକୁ କେଶ ନିମନ୍ତେ ଏକ ଉତ୍ତମ ଖାଦ୍ୟ ବୋଲି କୁହାଯାଏ । ଅଣ୍ଡାରେ ଥିବା ପ୍ରୋଟିନ୍, ସିଲିକନ୍, ସଲଫର, ଭିଟାମିନ୍ ଡି ଓ ଇ, କେଶକୁ ପୋଷଣ ଦେବା ସହ ମୁଲାୟମ ରଖେ । ରୁକ୍ଷ କେଶ ନିମନ୍ତେ ଅଣ୍ଡାର ପ୍ରଭାବ ଭଲ ରହିଥାଏ । ଏଣୁ ମେହେନ୍ଦୀ ପ୍ୟାକରେ ଗୋଟିଏ ଅଣ୍ଡା ମଧ୍ୟ ମିଶାଇପାରିବେ ।
- ଚା' ପତିରେ ଥିବା ଟାନିନ୍ ନାମକ ତତ୍ତ୍ୱ କେଶକୁ ମୁଲାୟମ୍ ରଖିବା ସହ ଘନତ୍ୱ ବଢ଼ାଏ । ଏଣୁ ମେହେନ୍ଦୀ କରିବା ପୂର୍ବରୁ ଚା' ପତି ଫୁଟା ପାଣିରେ ମେହେନ୍ଦୀ ମିଶାଇ ରାତିରୁ ରଖନ୍ତୁ । ତହିଁ ଆରଦିନ କେଶରେ ଲଗାଇ ପରେ ଧୋଇବେ । ଚା' ପତି କେଶକୁ କୋମଳ ରଖେ, ଏହା ପ୍ରୟୋଗ ପରେ ଜାଣିପାରିବେ ।
- ଲେମ୍ବୁ, ରସ କେଶମୂଳକୁ ରୁପିରୁ ରକ୍ଷା କରେ । ଏଣୁ କେଶମୂଳରୁ ବିଭିନ୍ନ ସଂକ୍ରମଣରୁ ରକ୍ଷା ନିମନ୍ତେ ମେହେନ୍ଦୀର ପ୍ରୟୋଗ ଖୁବ୍ ଲାଭକାରୀ ।

# ମୃତ ସାଗର



ସମସ୍ତେ ସମୁଦ୍ରରେ ପହଁରି ମଜା ନେବାକୁ ପନସନ୍ଦ କରିଥାନ୍ତି । ଯେଉଁମାନେ ପହଁରିବା ଜାଣି ନାହାନ୍ତି ସେମାନେ ମଧ୍ୟ ଲାଇଫ୍ କ୍ୟାକେଟର ସାହାଯ୍ୟରେ ଏହାର ମଜା ନେଇଥାନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ସମୁଦ୍ର ବିଷୟରେ କହିବୁ ଯେଉଁଠି ବିନା ଲାଇଫ କ୍ୟାକେଟରେ ମଧ୍ୟ ଏହାର ମଜା ଉଠାଇ ପାରିବେ । ଜର୍ଡାନ୍ ଓ ଇସ୍ରାଏଲ ମଧ୍ୟରେ ଏକ ପ୍ରସିଦ୍ଧ ସମୁଦ୍ର ରହିଛି, ଯାହାକୁ 'ଡେଡ୍ ସି' ବା 'ସଲ୍ଟ ସି' କୁହାଯାଏ । ଏହି ସମୁଦ୍ରରେ ଲୁଣର ମାତ୍ରା ବହୁତ ଅଧିକ । ଏହାର ପାଣି ଏତେ କ୍ଷାରୀୟ ଯେ, ଏଥିରେ କୌଣସି ଗଛ କିମ୍ବା ଜୀବ ନାହାନ୍ତି । ଏହି କାରଣରୁ ଲୋକେ ମାନେ ସମୁଦ୍ରର ପାଣିରେ ପହଁରିବାକୁ ପସନ୍ଦ କରନ୍ତି । ଏହି ସମୁଦ୍ରକୁ ସବୁଠାରୁ ଗଭୀର କ୍ଷାରୀୟ ପାଣିରେ ହ୍ରଦ ବୋଲି ମଧ୍ୟ କୁହାଯାଏ । ଏହି ପାଣିରେ ମନେରାଲର ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ବହୁତ ଲାଭଦାକ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଡେଡ୍ ସି ରେ ଗାଧୋଇବା ଦ୍ୱାରା ସବୁ ରୋଗ ଦୂର ହୋଇଯାଏ ଏଥିପାଇଁ ଏହି ସମୁଦ୍ରକୁ ଅନେକ ଲୋକ ବିଶ୍ୱାସ କରନ୍ତି ।

# ଚାଇନିଜ୍ ଫ୍ରାଇଡ୍ ରାଇସ୍



ଆବଶ୍ୟକ ସାମଗ୍ରୀ: ବାସୁମତି ଚାଉଳ, ଲେମ୍ବୁ, ତେଲ, କଟା ରସୁଣ, କଟା ପିଆଜ ଓ କଞ୍ଚା ଲଙ୍କା, କଟା ଗାଜର, ବନ୍ଧାକୋବି, ବିନ୍ସ ଓ କ୍ୟାପସି କମ, ଲୁଣ, ଟମାଟୋ ସସ୍, ଚିଲି ସ୍ସ୍, ସୋୟା ସସ୍, ଭିନେଗାର ଓ ଗୋଲ ମରିଚ ଗୁଣ୍ଡ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବାସୁମତି ଚାଉଳକୁ ଧୋଇ ଏକ ପାତ୍ରରେ ରଖନ୍ତୁ । ପରେ ଏକ ପାତ୍ରରେ ପାଣି ଗରମ କରନ୍ତୁ । ପାଣି ଟିକେ ଗରମ ହେଲା ପରେ ସେଥିରେ ଲେମ୍ବୁରସ ଓ ତେଲ ପକାଇ ଦିଅନ୍ତୁ । ପରେ ଧୋଇ ରଖିଥିବା ଚାଉଳକୁ ପକାନ୍ତୁ । ଚାଉଳ ୭୫ ପ୍ରତିଶତ ହୋଇଗଲେ ତାକୁ ଭଲ ଭାବରେ ଏକ ପାତ୍ରକୁ ଛାଙ୍କି ଦିଅନ୍ତୁ ।

ପରେ କରେଇରେ ତେଲ କରନ୍ତୁ । ତେଲ ଗରମ ହୋଇଗଲେ ସେଥିରେ କଟା ରସୁଣ, କଟା ପିଆଜ ଓ କଞ୍ଚା ଲଙ୍କା ପକାଇ ଗୋଳାଇ ଦିଅନ୍ତୁ । ପରେ କଟା ଗାଜର, ବନ୍ଧାକୋବି, ବିନ୍ସ ଓ କ୍ୟାପସି କମକୁ ପକାଇ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ । ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଛାଣି ରଖିଥିବା ଭାତ ପକାଇ ଦିଅନ୍ତୁ । ତା'ପରେ ଟମାଟୋ ସସ୍, ଚିଲି ସ୍ସ୍, ସୋୟା ସସ୍, ଭିନେଗାର ଓ ଗୋଲ ମରିଚ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚାଇନିଜ୍ ଫ୍ରାଇଡ୍ ରାଇସ ।

# କୋଭିଡ୍‌କୁ ହରାଇବ ହିମାଳୟ ଗୁଳ୍ମ ବୁରାଂଶ



ମହାମାରୀ କୋଭିଡ୍-୧୯ର ମୁକାବିଲା ପାଇଁ ଅଦ୍ୟାବଧି କୌଣସି ପ୍ରମାଣସିଦ୍ଧ ଔଷଧ ବାହାରିନଥିବା ବେଳେ କେବଳ ଏହାର ଅତିଶୟତାକୁ ହାଲକା କରିବା ପାଇଁ କିଛି ଟିକାର ପ୍ରଚାର ଓ ପ୍ରସାର କରାଯାଉଛି । ତେବେ ଏ ଦିଗରେ ଏକ ଯୁଗାନ୍ତକାରୀ ସମାଧାନର ଦ୍ୱାରଦେଶରେ ପହଞ୍ଚିଛନ୍ତି ହିମାଚଳପ୍ରଦେଶ ଆଇଆଇଟି ଓ ଆନ୍ତର୍ଜାତିକ ପ୍ରଜନନ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ । ହିମାଳୟରେ ଉପଲବ୍ଧ ରୋଡୋଡେଣ୍ଡ୍ରମ୍ ଆର୍ବୋରିଅମ୍ ନାମକ ଉଦ୍ଭିଦରେ ସେମାନେ ଆବିଷ୍କାର କରିଥିବା ଏକ ପ୍ରକାର ଭୂତାଣୁ ବିରୋଧୀ ରାସାୟନିକ ପଦାର୍ଥ(ଫାଇଟୋକେମିକାଲ) କୋଭିଡ୍-୧୯ରୁ ସଂପୂର୍ଣ୍ଣ ଆରୋଗ୍ୟଲାଭ ପାଇଁ ସଫଳ ସାବ୍ୟସ୍ତ ହେବ ବୋଲି ସେମାନେ ନିକଟ ଅତୀତରେ ଦାବି କରିଛନ୍ତି । ସ୍ଥାନୀୟ ଅଞ୍ଚଳରେ 'ବୁରାଂଶ' ନାମରେ ପରିଚିତ ଉକ୍ତ ଉଦ୍ଭିଦର ବିଶେଷ କରି ପାଖୁଡ଼ାରେ ରହିଥିବା ଏହି ଫାଇଟୋକେମିକାଲ୍ କରୋନାଭୂତାଣୁ ସାର୍ସ-କୋଭ୍-୨ର ସଂକ୍ରମଣ ବିରୋଧରେ ଉତ୍ତମ କାମ ଦେଉଥିବା ସେମାନେ ଲକ୍ଷ୍ୟ କରିଛନ୍ତି । କୋଭିଡ୍-୧୯ ଆବିର୍ଭାବ ପରଠାରୁ ଦୀର୍ଘ ଦୁଇବର୍ଷ ହେଲା ସେମାନେ ଉକ୍ତ ମହାମାରୀ ଭୂତାଣୁର କାର୍ଯ୍ୟଶୈଳୀ ଏବଂ ଏହାର ସଂକ୍ରମଣ ପ୍ରତିରୋଧୀ ବିକଳ୍ପ ପ୍ରକ୍ରିୟା ଉପରେ ଗବେଷଣା ଜାରି ରଖିଥିଲେ । ଅପରପକ୍ଷେ, ହିମାଳୟ ଉପତ୍ୟକାର ସ୍ଥାନୀୟ ଅଞ୍ଚଳବାସୀ ଏହି ବୁରାଂଶ ଉଦ୍ଭିଦକୁ ଭିନ୍ନ ଭିନ୍ନ ରୂପରେ ବିଭିନ୍ନ ସ୍ୱାସ୍ଥ୍ୟସମସ୍ୟାର ସମାଧାନ ପାଇଁ ବ୍ୟବହାର କରି ଆସୁଛନ୍ତି । ନାନା ପରୀକ୍ଷା ନିରୀକ୍ଷା ପରେ ଏହି ଗବେଷକ ଦଳ ବୁରାଂଶ ପାଖୁଡ଼ାର ଉଦ୍ଧୃତାଂଶ କରୋନାଭୂତାଣୁ ମାରିବାରେ ସଫଳ ହୋଇଥିବା ନିଶ୍ଚିତ ହୋଇଛନ୍ତି । ତେବେ ଆଗକୁ ଏହା କିପରି ଔଷଧ ଆକାରରେ ମିଳିପାରିବ ସେ ଦିଗରେ ସେମାନେ ଗବେଷଣା ଜାରି ରଖିଛନ୍ତି ।

# ଗ୍ରାମୀଣ ଆବାସ ଯୋଜନାରେ ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ : ବିଜେଡି

ଭୁବନେଶ୍ୱର,୧/୨ (ନି.ପ୍ର): ଗ୍ରାମୀଣ ଆବାସ ଯୋଜନାରେ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ବାରମ୍ବାର ଅବହେଳା କରି ଆସୁଛନ୍ତି । ଫଳରେ ଓଡ଼ିଶାର ଲକ୍ଷ ଲକ୍ଷ ଗରିବ, ଆଦିବାସୀ, ଅନୁସୂଚିତ ଜାତି ଓ ପଛୁଆ ବର୍ଗର ଲୋକେ ଘର ପାଇବାରୁ ବଂଚିତ ହେଉଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମତୀ ଶ୍ରୀମୟୀ ମିଶ୍ର ଓ ଶ୍ରୀମତୀ ସୁଲତା ଦେଓ ।

ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ କହିଛନ୍ତି ଯେ କେବିକେ ଜିଲ୍ଲାର ମୁଣ୍ଡ ଉପରେ ଛାତ ନଥିବା ୬ ଲକ୍ଷ ୬୫ ହଜାର ଗରିବ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା । କିନ୍ତୁ ଓଡ଼ିଶାର ବିଜେପି ସାଂସଦମାନେ ଷଡ଼ଯନ୍ତ୍ର କରି ଏହାକୁ ଅଟକାଇ ରଖିଛନ୍ତି । କେନ୍ଦ୍ର ସରକାର ଆବାସ ପୋର୍ଟାଲ ଖୋଲୁନଥିବାରୁ ଓଡ଼ିଶା ସରକାରଙ୍କ ଏ ସମ୍ପର୍କିତ ଡାଟା ସ୍ଥାନାନ୍ତର ହୋଇପାରୁ ନାହିଁ । ପୋର୍ଟାଲ ଖୋଲିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ପୂର୍ବରୁ ଚିଠି ଲେଖିଲେ ମଧ୍ୟ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ କର୍ଣ୍ଣପାତ କରୁନାହାନ୍ତି । ଦୈବୀ ଦୁର୍ବିପାକ ଯୋଗୁଁ ଓଡ଼ିଶା ବାରମ୍ବାର କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ଗରିବ ଓଡ଼ିଆ ଲୋକଙ୍କୁ ଘର ଖଣ୍ଡେ ପାଇବାରୁ ବଂଚିତ କରି ରଖାଯାଇଛି । ଖାଲି ସେତିକି ନୁହେଁ, ୨୦୧୯ ମେ' ମାସରେ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ଅଂଚଳର ୧.୮୪ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱତନ୍ତ୍ର ଭାବେ ଘର ମଞ୍ଜୁର ହୋଇଥିଲେ ବି ତାହା ଏଯାଏଁ ପ୍ରଦାନ କରାଯାଇ ନାହିଁ । ଏଭଳି ସ୍ଥିତିରେ ନିକଟରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ବିଜେପି ଶାସିତ ରାଜ୍ୟ କର୍ଣ୍ଣାଟକ ଲାଗି ଆବାସ ପୋର୍ଟାଲ ଖୋଲିଛନ୍ତି । କିନ୍ତୁ ଓଡ଼ିଶାର ହକ୍‌କୁ ଷଡ଼ଯନ୍ତ୍ର କରି କାଟି ଦେଇଛନ୍ତି । ଏଥିରୁ ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଏବଂ ଓଡ଼ିଶାର ବିଜେପି ସାଂସଦମାନଙ୍କ ଚକ୍ରାନ୍ତ ଜଳଜଳ ହୋଇ ଦେଖାଯାଉଛି । ଆଜି ମଧ୍ୟ ଆମ ପଂଚାୟତିରାଜ ମନ୍ତ୍ରୀ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଚିଠି ଲେଖି ଓଡ଼ିଶା ପାଇଁ ଆବାସ ପୋର୍ଟାଲ ଖୋଲିବାକୁ ପୁଣି ଅନୁରୋଧ କରିଛନ୍ତି । ଯଦି କେନ୍ଦ୍ର ସରକାର ଏହି ଦାବି ପୂରଣ ନ କରନ୍ତି ତେବେ ସଚେତନ ଓଡ଼ିଶାବାସୀ ଓଡ଼ିଶା ପ୍ରତି ଏହି ଅବହେଳା ଓ ଏଭଳି ହୀନ ରାଜନୀତିକୁ କେବେବି ବରଦାସ୍ତ କରିବେ ନାହିଁ ଏବଂ ଆଗାମୀ ପଂଚାୟତ ନିର୍ବାଚନରେ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀମତୀ ମିଶ୍ର ଓ ଶ୍ରୀମତୀ ଦେଓ କହିଛନ୍ତି ।

# ୯୮% ନେଲେଣି ପ୍ରଥମ ଡୋଜ୍ : ରାଜ୍ୟ ବାହାରକୁ ପଳାଇଛନ୍ତି ୧୫ଲକ୍ଷ ପ୍ରବାସୀ

ଭୁବନେଶ୍ୱର ,୧/୨ (ନି.ପ୍ର): ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଆଜି ସୁଦ୍ଧା ରାଜ୍ୟରେ ୧୮ବର୍ଷରୁ ଅଧିକ ୯୮ ପ୍ରତିଶତ ହିତାଧିକାରୀ ନିଜର ପ୍ରଥମ ଡୋଜ୍ ନେଇ ସାରିଲେଣି । ଏହାସହ ୭୫ ପ୍ରତିଶତ ଡବଲ୍ ଡୋଜ୍ ଟିକା ନେଇଛନ୍ତି । ଯେଉଁମାନେ ଟିକା ନେଇ ନାହାନ୍ତି, ସେମାନଙ୍କୁ ଟିକା ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି । ରାଜ୍ୟରେ ୧୮ବର୍ଷରୁ ଅଧିକ ୩.୨୫ କୋଟି ଲୋକଙ୍କୁ ଟିକା ଦିଆଯିବ ବୋଲି କେନ୍ଦ୍ର ସରକାର ରାଜ୍ୟକୁ ଜଣାଇଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫କୋଟି ୭୦ଲକ୍ଷ ୯୮ହଜାର ୫୩୫ ଡୋଜ୍ ଟିକା ଦିଆଗଲାଣି । ଯାହାକି ଧାର୍ଯ୍ୟ ଜନସଂଖ୍ୟାର ୯୪ ପ୍ରତିଶତ । ମାତ୍ର ରାଜ୍ୟର ପ୍ରାୟ ୧୫ଲକ୍ଷ ଲୋକ ବିଭିନ୍ନ ରାଜ୍ୟକୁ ପଳାଇଥିବା ଜିଲ୍ଲାୱାରୀ ବିଭାଗକୁ ଆସିଥିବା ତାଲିକାରୁ ସ୍ପଷ୍ଟ ହୋଇଛି । ତେଣୁ ଏହି ଜନସଂଖ୍ୟା ବାହାର ରାଜ୍ୟରେ ଟିକା ନେଇଥିବା ଅନୁମାନ କରାଯାଉଛି । ୧୫ଲକ୍ଷ ଜନସଂଖ୍ୟାକୁ ମିଶାଇଲେ ରାଜ୍ୟରେ ସମୁଦାୟ ୯୮ ପ୍ରତିଶତ ହିତାଧିକାରୀ ନିଜର ପ୍ରଥମ ଡୋଜ୍ ଟିକା ନେଇଥିବା ବିଭାଗ ହିସାବ କରୁଛି । ତେଣୁ ଆଗକୁ ଟିକାକରଣରେ ଧାର୍ଯ୍ୟ ତାରିଖରେ କୌଣସି ବୃଦ୍ଧି କରାଯିବ ନାହିଁ ବୋଲି ସୂଚନା ଦେଇଛନ୍ତି କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ । ଡା.ପାଣିଗ୍ରାହୀ କହିଛନ୍ତି, ଯେଉଁ ଜନସଂଖ୍ୟା ବାହାର ରାଜ୍ୟକୁ ଯାଇଛନ୍ତି ସେମାନଙ୍କ ସଂପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ । ରାଜ୍ୟ ସରକାର ଏହାକୁ କେନ୍ଦ୍ରକୁ ଜଣାଇବେ । ଯେଉଁ ୧୫ଲକ୍ଷ ଜନସଂଖ୍ୟା ବାହାର ରାଜ୍ୟରେ ଅଛନ୍ତି ସେମାନଙ୍କୁ ମିଶାଇଲେ ରାଜ୍ୟରେ ୯୮ ପ୍ରତିଶତ ପର୍ଯ୍ୟନ୍ତ ଟିକାକରଣ ସମ୍ଭବ ହୋଇପାରିଛି । ଯେଉଁ କେତେକ ରାଜ୍ୟରେ ଶତ ପ୍ରତିଶତରୁ ଅଧିକ ଟିକାକରଣ ହୋଇଥିବା କୁହାଯାଉଛି ସେସବୁ ରାଜ୍ୟରେ ବାହାର ରାଜ୍ୟର ଲୋକମାନେ ଟିକା ନେବା ସ୍ୱାଭାବିକ୍ । କେନ୍ଦ୍ର ସରକାର ମଧ୍ୟ ଏଭଳି ପରିସଂଖ୍ୟାନ ସଂପର୍କରେ ଅବଗତ । ଏହାସହ ୬୦ବର୍ଷରୁ ଅଧିକ ୯ମାସ ଅବଧି ହୋଇଥିବା ଲୋକମାନଙ୍କ ମଧ୍ୟରୁ ୮୩ ପ୍ରତିଶତ ପ୍ରିକସନ୍ ଡୋଜ୍ ନେଇ ସାରିଲେଣି ବୋଲି ଡା. ପାଣିଗ୍ରାହୀ କହିଛନ୍ତି । ରାଜ୍ୟରେ ସୋମବାର ଦିନ ୧ଲକ୍ଷ ୭୮ହଜାର ୩୮୦ ଜଣଙ୍କୁ ଟିକା ଦିଆଯାଇଛି । ଏଥିରେ ୧୮-୪୪ବର୍ଗର ୯୦ ପ୍ରତିଶତ, ୪୫ ବର୍ଷରୁ ଅଧିକ ୯୪ପ୍ରତିଶତ ଲୋକ ନିଜର ପ୍ରଥମ ଡୋଜ୍ ନେଇଛନ୍ତି । ଏହାସହ ୪ଲକ୍ଷ ୭୪ହଜାର ୯୦୯ ଗର୍ଭବତୀ ମହିଳାଙ୍କୁ ମଧ୍ୟ ଟିକା ଦିଆଯାଇଛି । ଆସନ୍ତାକାଲି ରାଜ୍ୟରେ ୩୩୧୧ ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ସାଭରକରଙ୍କ ଜୀବନୀ ଛାତ୍ରସମାଜକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ

କଟକ/ଭୁବନେଶ୍ୱର,୧/୨ (ନି.ପ୍ର): ଆମ ଦେଶର ସଚ୍ଚା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବୀରତ୍ୱର ଗାଥାକୁ ଲୋକଲୋଚନକୁ ଆଣିବା ନିମନ୍ତେ ସ୍ୱତନ୍ତ୍ର ପ୍ରୟାସର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ରବିବାର ସନ୍ଧ୍ୟାରେ କଲେଜଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ସଂଘ ମଣ୍ଡଳୀ ତରଫରୁ ଆୟୋଜିତ 'ସାଭରକର କଥା'ର ଶୁଭାରମ୍ଭ କରି ପ୍ରଫେସର ପଟ୍ଟନାୟକ କହିଲେ ଯେ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସାଭରକର ପ୍ରଚଣ୍ଡ ଧୀଶକ୍ତିର ଅଧିକାରୀ ଥିଲେ । ସେ ଇଂରେଜ ସରକାରଙ୍କଦ୍ୱାରା ଅକଥନୀୟ ନିର୍ଯାତନାର ଶିକାର ହୋଇଥିଲେ । ସଂଗ୍ରାମୀମାନଙ୍କ ମଧ୍ୟରେ ସେ ଅଗ୍ରଗଣ୍ୟ ଥିଲେ ମଧ୍ୟ ଇତିହାସକାରମାନେ ତାଙ୍କ ଭୂମିକାର ଯଥାର୍ଥ ମୂଲ୍ୟାୟନ କରିନାହାନ୍ତି । ସାଭରକରଙ୍କ ବୀରତ୍ୱର ଗାଥାକୁ ଛାତ୍ରସମାଜ ଆଗରେ ଉପସ୍ଥାପନ କରାଗଲେ ସେମାନେ ଦେଶପ୍ରେମରେ ଉଦବୁଦ୍ଧ ହେବେ ବୋଲି ପ୍ରଫେସର ପଟ୍ଟନାୟକ ଦର୍ଶାଇଥିଲେ ।

କାର୍ଯ୍ୟକ୍ରମରେ ଦର୍ଶନଶାସ୍ତ୍ରବିତ୍ ଡକ୍ଟର ନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ସଂଘ ମଣ୍ଡଳୀର ଆବାହକ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ସଦସ୍ୟ ଡକ୍ଟର ବି.ସି. ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟ କୁମାର ସ୍ୱାଇଁ ମଂଚ ପରିଚାଳନା କରିଥିଲେ । କୋଭିଡ୍ କଟକଣାକୁ ପାଳନ କରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା

## ପାର୍ଲାମେଂଟରେ ଓଡ଼ିଶା ସାଂସଦମାନେ ଧାରଣା ଦେବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୧/୨ (ନି.ପ୍ର): ଆଜି ରାଜ୍ୟ ପଂଚାୟତିରାଜ ଓ ନଗର ଉନ୍ନୟନମନ୍ତ୍ରୀ ପ୍ରତାପ ଜେନା କେନ୍ଦ୍ର ଗ୍ରାମ ବିକାଶ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂଙ୍କୁ ଚିଠି ଲେଖି ତୁରନ୍ତ ଓଡ଼ିଶାର ଆଦିବାସୀ ଇଲାକା ଓ ଫନି ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଅଧିକ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି । ପୂର୍ବରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ବାରମ୍ବାର ଚିଠି ଲେଖିଛନ୍ତି । ରାଜ୍ୟର ସାଂସଦମାନେ ଗତ ପାର୍ଲାମେଂଟ ଅଧିବେଶନ ସମୟରେ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଥିଲେ । କିନ୍ତୁ ଏ ସବୁ ସତ୍ୱେ କେନ୍ଦ୍ର ସରକାର ଓଡ଼ିଶାର ହକ୍ ଓ ଯୁକ୍ତିଯୁକ୍ତ ଦାବିକୁ ଅଣଦେଖା କରି ଚାଲିଛନ୍ତି ।

ଚଳିତମାସ ୧୩ ତାରିଖ ଦିନ କେନ୍ଦ୍ର ସରକାର କର୍ଣ୍ଣାଟକ ରାଜ୍ୟ ପାଇଁ ଆବାସ ଯୋଜନାରେ ଅନୁମତି ପ୍ରଦାନ କରିଥିଲେ ହେଁ ଓଡ଼ିଶା କ୍ଷେତ୍ରରେ ୬ଲକ୍ଷ ୬୫ହଜାର ପରିବାରର ଆବାସ ତଥ୍ୟକୁ ସିନ୍‌କ୍ରୋନାଇଜ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାଁନ୍ତି । ସେହିଭଳି ଫନି କ୍ଷତିଗ୍ରସ୍ତଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ୨୦୧୯ ମେ ମାସରେ ୧.୮୪ଲକ୍ଷ ଗୃହ ନିର୍ମାଣ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ ମଧ କେନ୍ଦ୍ର କୌଣସି ପଦକ୍ଷେପ ନେଇନାହାଁନ୍ତି । ଗୋଟିଏ ପଟେ ରାଜ୍ୟ ପଂଚାୟତିରାଜ ମନ୍ତ୍ରୀଙ୍କ ଚିଠି, ମୁଖ୍ୟମନ୍ତ୍ରୀଙ୍କର ବାରମ୍ବାର କେନ୍ଦ୍ରର ଦୃଷ୍ଟି ଆକର୍ଷଣ ଓ ରାଜ୍ୟ ସାଂସଦମାନଙ୍କର ଗତ ସଂସଦ ଅଧିବେଶନ ସମୟରେ ସ୍ମାରକପତ୍ର ପ୍ରଦାନ ସତ୍ୱେ କେନ୍ଦ୍ର ସରକାର ଓଡ଼ିଶାର ହକ୍‌କୁ ଅଣଦେଖା କରି ଚାଲିଛନ୍ତି । ତେଣୁ ଏଥିପାଇଁ ଏକମାତ୍ର ବାଟ ରାଜ୍ୟର ସାଂସଦମାନେ ପାର୍ଲାମେଂଟ ଅଧିବେଶନ ତ୍ୟାଗ କରି ରାଜ୍ୟର ବାସହୀନ ଲୋକଙ୍କ ଲଢେଇକୁ ଜୋରଦାର କରିବା ପାଇଁ ପାର୍ଲାମେଂଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦେବାକୁ ସମାଜବାଦୀ ପାର୍ଟି ଦାବି କରିଛି ।

ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ରଲେଖି ଏହି ଦାବିକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସାଂସଦମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଓଡ଼ିଶାର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏକ ସର୍ବଦଳୀୟ ବୈଠକ ଡ଼ାକି ରାଜଭବନ ସମ୍ମୁଖରେ ସର୍ବଦଳୀୟ ପ୍ରତିବାଦ ସଭା କରିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ ସରକାର କେନ୍ଦ୍ରର ଓଡ଼ିଶା ପ୍ରତି ଥିବା ଏହି ବୈମାତୃକ ମନୋଭାବକୁ ନେଇ ଲୋକଙ୍କ ପାଖକୁ ଯିବା ସହିତ ରାଜ୍ୟର ହକ୍‌ର ଲଢେଇକୁ ଦୃଢ ଓ ଶକ୍ତିଶାଳୀ କରି ଗଢି ତୋଳିବାକୁ ମୁଖ୍ୟମନ୍ତ୍ରୀ ନିଜେ ଆଗେଇ ଆସିବାକୁ ଶ୍ରୀ ବେହେରା ନିବେଦନ କରିଛନ୍ତି ।

# ଶ୍ରୀ ଲିଙ୍ଗରାଜଙ୍କ ଜମି ହଡପ ପ୍ରତିବାଦରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୧/୨ (ନି.ପ୍ର): ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମି ହଡପ ପ୍ରତିବାଦରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ଏହି ମାମଲାରେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ମନ୍ତ୍ରୀଙ୍କ କୁଶପୁତଳିକା ମଧ୍ୟ ଦାହ କରାଯାଇଛି । ଏହି ବସରରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଛନ୍ତି ଭୁବନେଶ୍ୱର ଏୟାରପୋର୍ଟ ନିକଟରେ ଭୀମପୁର ମୌଜାରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଥିବା ୧ ଏକର ୧୧୫ଡିସିମିଲି ଜମିକୁ ବେଆଇନ ଭାବେ ପୃଥିକା ପ୍ରଭାକରନ୍ ମାଡିବସିଛନ୍ତି । ଜମି ମାଲିକ ବୋଲି ଦାବି କରୁଥିବା ପୃଥିକା କୋର୍ଟଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ନିର୍ମାଣ ଜାରି ରଖିବା ପ୍ରସଙ୍ଗ ଦୁର୍ଭାଗ୍ୟ ଜନକ । ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ତହସିଲଦାର ସେଠାରେ ନାଲି ପତାକା ପୋତି ୧୪୪ଧାରା ଜାରି କରିଥିଲେ । କିନ୍ତୁ ନିର୍ମାଣ କାର୍ଯ୍ୟ ପାଇଁ ଆସିଥିବା କଂଟେନରକୁ ପୃଥିକା କାଢି ନାହାଁନ୍ତି । ସାଢେ ଚାରି କୋଟି ଓଡିଆଙ୍କ ଆଗରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମିର ସୁରକ୍ଷା କରିବା ପାଇଁ ବିଜେପି ତାର ଲଢେଇ ଜାରି ରଖିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଏହାର ଜବାବ୍ ରେ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ସେ ବିଷୟରେ ତହସିଲଦାର ଏବଂ ଅନ୍ୟ ରାଜସ୍ୱ ବିଭାଗର ଅଥରିଟି ନିର୍ମାଣକୁ ବନ୍ଦ କରିଛନ୍ତି । ସରକାର କେଉଁଠି ଏଥିରେ ଚଂଚକତା କଲେ ? ସରକାର ନ ଚାହୁଁଥିଲେ ବନ୍ଦ ହୋଇଥାନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି । ମ୍ୟୁନିସିପାଲିଟି ନିର୍ବାଚନ ଅଛି ବୋଧ ହୁଏ ସେଥିପାଇଁ ବିଜେପି ଏପରି କରୁଛି ସେ କହିଛନ୍ତି ।

# ବ୍ରିଗେଡିୟର୍ ଭିଗ୍ନେଶ ମହାନ୍ତିଙ୍କ ଛତିଶଗଡ ଓ ଓଡିଶା ସବ୍ ଏରିଆ କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୧/୨ (ନି.ପ୍ର): ବ୍ରିଗେଡିୟର୍ ଭିଗ୍ନେଶ ମହାନ୍ତି (ସେନା ପଦକ) ଛତିଶଗଡ ଏବଂ ଓଡିଶା ସବ୍ ଏରିଆ (ସିଓଏସଏ) ର କମାଣ୍ଡର ଭାବରେ ବ୍ରିଗେଡିୟର୍ ପ୍ରଶାନ୍ତ ଚୋହାନ୍‌ଙ୍କ ଠାରୁ ଦାୟିତ୍ ଗ୍ରହଣ କରିଛନ୍ତି । ବିଦାୟୀ ସବ୍ ଏରିଆ କମାଣ୍ଡର ବ୍ରିଗେଡିୟର୍ ଚୋହାନ୍ ରାଜ୍ୟ ସରକାରଙ୍କ ସହ ଏକ ଉତମ ବ୍ୟବସାୟିକ ସମ୍ପର୍କ ବିକାଶ ତଥା ଛତିଶଗଡ ଏବଂ ଓଡ଼ିଶା ରାଜ୍ୟରେ ସଶସ୍ତ୍ର ବାହିନୀର ପଦଚିହ୍ନକୁ ବଜାୟ ରଖିବା ତଥା ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବ୍ରିଗେଡିୟର୍ ଭିଗ୍ନେଶ ମହନ୍ତି ବର୍ତ୍ତମାନ ଛତିଶଗଡ ଏବଂ ଓଡିଶା ସବ୍ ଏରିଆକୁ ନିର୍ଦ୍ଦେଶ ଦେବେ । ତିନି ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ତାଙ୍କର ଚମତ୍କାର ସାମରିକ କ୍ୟାରିଅରରେ ବ୍ରିଗେଡିୟର୍ ମହାନ୍ତି ଭାରତ ଏବଂ ବିଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ଏବଂ ପ୍ରଶାସନିକ ନିଯୁକ୍ତି ପାଇଛନ୍ତି । ସେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଖଡକୱାସ୍ଲା), ଆର୍ମି ସ୍କୁଲ୍ ଅଫ୍ ଆମ୍ଫୁନିସନ୍ (ୟୁକେ), ଡିଫେନ୍ସ ସର୍ଭିସ୍ ଷ୍ଟାଫ୍ କଲେଜ (ୱେଲିଙ୍ଗଟନ୍) ଏବଂ ନ୍ୟାସନାଲ ଡିଫେନ୍ସ କଲେଜ (ଫିଲିପାଇନ୍ସ) ରୁ ତାଲିମ ଗ୍ରହଣ କରିଛନ୍ତି । ସେ କାଶ୍ମୀର ଉପତ୍ୟକାରେ ଜଣେ ଇଞ୍ଜିନିୟର ରେଜିମେଂଟ ଏବଂ ଇଷ୍ଟର୍ଣ୍ଣ ଥିଏଟରରେ ଏକ ମାଉଂଟେନ୍ ବ୍ରିଗେଡ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଭୁଟାନରେ ଭାରତୀୟ ସାମରିକ ତାଲିମ କଂଟିଙ୍ଗେଂଟର ଏକ ଅଂଶ ହୋଇଛନ୍ତି । ସେନା ମୁଖ୍ୟାଳୟ ସମେତ ଆର୍ମିର ବିଭିନ୍ନ ସଂଗଠନରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଥିଲା । ସେ ଜଣେ ଇଞ୍ଜିନିୟରିଂ ସ୍ନାତକ, ଚେନ୍ନାଇ ବିଶ୍ୱବିଦ୍ୟାଳୟରୁ ପ୍ରତିରକ୍ଷା ଏବଂ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ ରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି ଏବଂ ଫିଲିପାଇନ୍ସରୁ ଜାତୀୟ ସୁରକ୍ଷା ପ୍ରଶାସନରେ ସ୍ନାତକୋତର କରିଛନ୍ତି । ତେଣୁ ବିସ୍ତୃତ ଅଭିଜ୍ଞତା, ସାମର୍ଥ୍ୟ ଏବଂ ପରିଚୟ ଉଭୟ ରାଜ୍ୟରେ ଭାରତୀୟ ସେନାର ଗରିମା ବୃଦ୍ଧି କରିବାରେ ସେ ପ୍ରୟାସ କରିବେ ବୋଲି ଆଶା କରାଯାଉଛି । ମୁଖ୍ୟାଳୟ କୋସା ହେଉଛି ଛତିଶଗଡ ଏବଂ ଓଡିଶା ରାଜ୍ୟରେ ଭାରତୀୟ ସେନାର ସର୍ବୋଚ୍ଚ ମୁଖ୍ୟାଳୟ, ଯାହା ସିଭିଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଶାସନିକ ସମସ୍ୟା ଏବଂ ବିପର୍ଯ୍ୟୟ ସହାୟତା ସହିତ ଜଡିତ ।

# ଆବାସ ଯୋଜନା ନେଇ କେନ୍ଦ୍ରମନ୍ତ୍ରୀ ପଂଚାୟତିରାଜ ମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୧/୨ (ନି.ପ୍ର): ଆବାସ ଯୋଜନା ନେଇ କେନ୍ଦ୍ରକୁ ଚିଠି ଲେଖିଛି ରାଜ୍ୟ । ପୁଣି କେନ୍ଦ୍ରର ଅବହେଳା ଅଭିଯୋଗ । ଆବାସ ଯୋଜନାରେ ରାଜ୍ୟକୁ ବାରମ୍ବାର କେନ୍ଦ୍ରର ଅବହେଳା ନେଇ ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂଙ୍କୁ ଚିଠି ଲେଖିଛନ୍ତି ।

ମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ଲକ୍ଷାଧିକ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାରୁ ବଂଚିତ ହେଉଛନ୍ତି । ଓଡିଶାରେ ବଳକା ୬ ଲକ୍ଷ ୬୫ ହଜାର ପରିବାରର ତଥ୍ୟ ପୋର୍ଟାଲେ ସାମିଲ ହୋଇନାହିଁ । ଫନିରେ ପ୍ରଭାବିତ ୧ ଲକ୍ଷ ୮୪ ହଜାର ଘର ଦେବାକୁ ପ୍ରତିଶୃତି ଦେଇଥିଲେ ବି ତାହା ପୂରଣ ହୋଇନି । ସେପଟେ କର୍ଣ୍ଣାଟକରେ ଏମ୍ ଆଇ ଏସ୍ ପୋର୍ଟାଲରେ ତଥ୍ୟ ଅପଲୋଡ କରିବାକୁ ଅନୁମତି ମିଳିଛି । କର୍ଣ୍ଣାଟକର ଦାବି ପୂରଣ ହୋଇଥିଲେ ବି ଓଡିଶା ଏବେବି ଅବହେଳିତ ହୋଇଛି । ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ଆଦିବାସୀ ଅଧ୍ୟୁଷିତ କେବିକେ ଅଂଚଳ ଅଧିବାସୀ । ଏସମ୍ପର୍କରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଥିଲେ ।

# ସାମ୍ବିଧାନିକ ଦାୟୀତ୍ୱ ନିର୍ବାହ କରିବାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଫଳ : କଂଗ୍ରେସ

ଭୁବନେଶ୍ୱର,୧/୨ (ନି.ପ୍ର): ୨୦୧୯ରେ ପଂଚମ ପାଳିର ସରକାର ଗଠନ ବେଳେ ମୁଖ୍ୟମନ୍ତ୍ରୀ ପ୍ରଦର୍ଶନୀ ପଡ଼ିଆଠାରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଈଶ୍ୱରଙ୍କ ନାମରେ ଶପଥ ନେଇ ସମ୍ବିଧାନର ବିଧିବ୍ୟବସ୍ଥା ମତେ ବିନା ପକ୍ଷପାତିତାରେ ତାଙ୍କର ଦାୟୀତ୍ୱ ନିର୍ବାହ କରିବେ ବୋଲି ଶପଥପାଠ କରିଥିଲେ, କିନ୍ତୁ ଆଜି ନା ସେ ଈଶ୍ୱରଙ୍କର ସଂପତିର ସୁରକ୍ଷା କରିପାରୁଛନ୍ତି ନା ସଂମ୍ବିଧାନିକ ବିଧିବ୍ୟବସ୍ଥା ମତେ ସମସ୍ତଙ୍କୁ ନ୍ୟାୟ ଦେଇପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ଟାର୍ଗେଟ କରିଛି କଂଗ୍ରେସ । ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ତଥା ମୁଖପାତ୍ର ମନୋଜ ମହାପାତ୍ର କହିଲେ ଯେ ଓଡ଼ିଶା ସରକାରଙ୍କର ରାଜସ୍ୱ ବିଭାଗର ପ୍ରମୁଖ ସଚିବ ତାଙ୍କ ପତ୍ରାଙ୍କ ସଂଖ୍ୟା ୨୮୦୯୯, ତାରିଖ ୨୩.୦୯.୨୦୨୦ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲିଙ୍ଗରାଜ ମହାପ୍ରଭୁଙ୍କ ଜମି ଜଣେ ବେସରକାରୀ ବ୍ୟକ୍ତିଙ୍କର ନାମରେ ବେଆଇନ ଭାବେ ରେକର୍ଡଭୁକ୍ତ ହୋଇଥିବା ଓ ରେକର୍ଡର ସଂଶୋଧନ ସହ କ୍ରାଇମବ୍ରାଂଚଙ୍କ ଦୃଷ୍ଟି ଆକର୍ଷଣ କରି ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାପାଳ କ୍ରାଇମବ୍ରାଂଚ ପାଖରେ ଅଭିଯୋଗ କରିଛନ୍ତି କି ? ଯଦି କରି ନାହାଁନ୍ତି ତାହାଲେ କାହାର ସୁରକ୍ଷା ପାଇଁ ଓ କାହା ନିର୍ଦ୍ଦେଶରେ ? ଯଦି କ୍ରାଇବ୍ରାଂଚ ପାଖରେ ଅଭିଯୋଗ ହୋଇଛି ତାହାହେଲ ଫୌଜଦାରୀ ମୋକଦମା ରୁଜୁ କରି ଜମି ହଡ଼ପ କରିଥିବା ଓ ଷଡ଼ଯନ୍ତ୍ରକାରୀ ମାନଙ୍କୁ କ୍ରାଇମବ୍ରାଂଚ ଗିରଫ କରିଛିକି ? ଯଦି କରି ନାହିଁ ତାହାହେଲେ ତାହାର କାରଣ କ'ଣ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କର ସ୍ପଷ୍ଟିକରଣ ଦେବାର ଆବଶ୍ୟକତା ରହିଛି । ଜଣେ ପ୍ରଭାବଶାଳୀ ଖଣି ମାଫିଆଙ୍କ ଦ୍ୱାରା ପ୍ରଭୁ ଲିଙ୍ଗରାଜଙ୍କର ଜମି ହଡ଼ପ ଉଦ୍ୟମଯୋଗୁଁ ସେହି ବ୍ୟକ୍ତିକୁ ରାଜ୍ୟ ପୋଲିସ କିମ୍ବା କ୍ରାଇମବ୍ରାଂଚ ଏପର୍ଯ୍ୟନ୍ତ କାହିଁକି ଗିରଫ କରିବାର ସାହାସ କରିପାରିନାହିଁ । ଏହି ଘଟଣାରେ ସଂପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀ, ରାଜସ୍ୱ ଅଧିକାରୀ ଓ ଯାଙ୍କୁ ସୁରକ୍ଷା ଦେଉଥିବା ସମସ୍ତ ସୁରକ୍ଷାଦାତାଙ୍କୁ କେବେସୁଦ୍ଧା ଗିରଫ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଉତର ମାଗୁଛି କଂଗ୍ରେସ । ପୁନଶ୍ଚ ଶ୍ରୀ ମହାପାତ୍ର କହିଲେ ଯେ ସମ୍ବିଧାନର ବିଧିବ୍ୟବସ୍ଥା ଅନୁସାରେ ଚଳିତ ପଂଚାୟତ ନିର୍ବାଚନରେ ଆଦିବାସୀ ଓ ପଛୁଆବର୍ଗଙ୍କୁ ତାଙ୍କର ନ୍ୟାୟୋଚିତ ସଂରକ୍ଷଣ ଦିଆଯାଇ ନାହିଁ । ଯେଉଁଥିପାଇଁ ରାଜ୍ୟର ୨୨ ଭାଗ ଆଦିବାସୀ ଓ ୫୪ ଭାଗ ପଛୁଆବର୍ଗ ସର୍ବମୋଟ ୭୬ % ଲୋକଙ୍କୁ ନ୍ୟାୟ ଦେଇପାରିନି ରାଜ୍ୟ ସରକାର । ପୁନଶ୍ଚ ଆଜି ୧୦୭ ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦର ଅଧକ୍ଷ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ମାତ୍ର ୮ଟି ଆଦିବାସୀ ବର୍ଗଙ୍କୁ ଓ ୧୭ଟି ଦଳିତ ବର୍ଗଙ୍କୁ ସଂରକ୍ଷଣ ଦିଆଯାଇଥିବା ବେଳେ ଗୋଟିଏ ବି ସିଟ୍‌ରେ ପଛୁଆବର୍ଗଙ୍କୁ ସଂରକ୍ଷଣ ଦିଆଯାଇ ନାହିଁ । କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମର ମେୟର ପଦବୀରେ ସଂରକ୍ଷଣ ବ୍ୟବସ୍ଥା ନାହିଁ । ତାହାହେଲେ ଏ ମହାନଗର ଗୁଡିକ କୌଣସି ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ଅଧକ୍ଷ ହେବାର ଯୋଗ୍ୟତା ନାହିଁକି ? ଓଡ଼ିଶା ସରକାର ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ସରକାର ଭଳି ସୁପ୍ରିମକୋର୍ଟ ଯାଇ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯିବା ପରେ ନିର୍ବାଚନ କରିବାକୁ କଂଗ୍ରେସ ଦାବି କରିଥିଲା, କିନ୍ତୁ ସରକାର ଜାଣିସୁଣି ଏହି ବର୍ଗଙ୍କୁ ବଂଚିତ କରିବାପାଇଁ ତରବରିଆ ଭାବେ ଉଭୟ ପଂଚାୟତ ନିର୍ବାଚନ କଲେ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କଲେଣି । ଚଳିତ ପଂଚାୟତ ନିର୍ବାଚନରେ ବାଲିକୁଦା ଜୋନ ନଂ -୨ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନରେ ଜଣେ ସାଧାରଣ ବର୍ଗର ଲୋକଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି । ରାଜ୍ୟ ନିର୍ବାଚନ କମିଶନ ପାଖରେ ଅଭିଯୋଗ କରାଗଲାପରେ ମଧ ସଂପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ନାକଚ ହୋଇ ନାହିଁ । ଉପରୋକ୍ତ ଘଟଣାରୁ ଜଣାପଡୁଛି ଯେ ଶାସକ ବିଜୁ ଜନତା ଦଳ, ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ଦଳିତ, ଆଦିବାସୀ ଓ ପଛୁଆବର୍ଗ ବିରୋଧି ।

# ରାଜ୍ୟରେ ୩,୦୮୬ କରୋନା ପଜିଟିଭ ଚିହ୍ନଟ: ୪୫୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଆକ୍ରାନ୍ତ

ଭୁବନେଶ୍ୱର,୧/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୦୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୭୯୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୨୮୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୪୫୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୫୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୮୨ ଜଣ, ବାଲେଶ୍ୱରରୁ ୭୬ ଜଣ, ବରଗଡ଼ରୁ ୩୨ ଜଣ, ଭଦ୍ରକରୁ ୭୭ ଜଣ, ବଲାଙ୍ଗୀରରୁ ୭୬ ଜଣ, ବୌଦ୍ଧ ଜିଲ୍ଲାରୁ ୧୬, କଟକରୁ ୩୨୫ ଜଣ, ଦେବଗଡ଼ରୁ ୬୯ଜଣ, ଢେଙ୍କାନାଳରୁ ୭୧ ଜଣ, ଗଜପତିରୁ ୬୩, ଗଞ୍ଜାମରୁ ୪୬ ଜଣ, ଜଗତସିଂହପୁରରୁ ୭୪ ଜଣ, ଯାଜପୁରରୁ ୧୪୯ ଜଣ, ଝାରସୁଗୁଡ଼ାରୁ ୬୯ ଜଣ, କଳାହାଣ୍ଡିରୁ ୭୭ ଜଣ, କନ୍ଧମାଳରୁ ୨୪ ଜଣ, କେନ୍ଦ୍ରାପଡ଼ାରୁ ୪୯ ଜଣ, କେଉଁଝରରୁ ୩୯ ଜଣ, ଖୋର୍ଦ୍ଧାରୁ ୬୫୨ ଜଣ, କୋରାପୁଟରୁ ୪୪ ଜଣ, ମାଲକାନଗିରିରୁ ୩୩ ଜଣ, ମୟୁରଭଞ୍ଜରୁ ୧୦୯ ଜଣ, ନବରଙ୍ଗପୁରରୁ ୮୪, ନୟାଗଡ଼ରୁ ୧୧୦ ଜଣ, ନୂଆପଡ଼ାରୁ ୧୦୬ ଜଣ, ପୁରୀରୁ ୪୨ ଜଣ, ରାୟଗଡ଼ାରୁ ୪୦ ଜଣ, ସମ୍ବଲପୁରରୁ ୭୫ ଜଣ, ସୋନପୁରରୁ ୩୫, ସୁନ୍ଦରଗଡ଼ରୁ ୨୧୬ ଜଣ ଓ ଷ୍ଟେଟ ପୁଲରୁ ୧୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୫୨, ୩୨୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୦୧, ୫୪୬ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୪୨, ୦୯୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ରାଜ୍ୟରେ ପୁଣି ୧୭ ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୧/୨ (ନି.ପ୍ର): ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ଆଉ ୧୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏମାନଙ୍କ ମଧ୍ୟରେ ୫ଜଣ ମହିଳା ଓ ଅବଶିଷ୍ଟ ୧୨ ଜଣ ପୁରୁଷ ଅଛନ୍ତି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୬୨୯କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ କଟକ ଜିଲ୍ଲାରୁ ସର୍ବାଧିକ ୪ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅପରପକ୍ଷରେ ପୁରୀ ଓ ଖୋର୍ଦ୍ଧାରୁ ୨ ଜଣ ଲେଖାଏଁ ମୃତକ ଅଛନ୍ତି । ଏଣେ ଅନୁଗୁଳ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, ଜଗତସିଂହପୁର ଓ ରାୟଗଡ଼ା ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଥିବାର ସୂଚନା ମିଳିଛି । କଟକ ଜିଲ୍ଲାର ମୃତକମାନେ ଯଥାକ୍ରମେ ୭୫, ୮୫, ୪୮ ଓ ୮୧ ବର୍ଷର ପୁରୁଷ । ପୁରୀର ଜଣେ ୫୫ ବର୍ଷିୟ ପୁରୁଷ ଓ ଜଣେ ୫୮ ବର୍ଷୀୟା ମହିଳା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଅନୁଗୁଳର ୭୩ ବର୍ଷିୟ ପୁରୁଷ, ଗଞ୍ଜାମର ତିନି ବର୍ଷର ପୁତ୍ର ସନ୍ତାନ, ବାଲେଶ୍ୱରର ଜଣେ ୨୬ ବର୍ଷୀୟା ମହିଳା, ଭଦ୍ରକର ୬୭ ବର୍ଷୀୟା ମହିଳା, ଯାଜପୁରର ୧୮ ବର୍ଷିୟ ପୁରୁଷ, କେନ୍ଦ୍ରାପଡ଼ାର ୨୬ ବର୍ଷୀୟା ମହିଳା, ମାଲକାନଗିରିର ୩ ମାସର ଶିଶୁକନ୍ୟା, ଜଗତସିଂହପୁର ଜିଲ୍ଲାର ୭୮ ବର୍ଷିୟ ପୁରୁଷ ଓ ରାୟଗଡ଼ା ଜିଲ୍ଲାର ଜଣେ ୪୦ ବର୍ଷିୟ ପୁରୁଷଙ୍କ କୋଭିଡରେ ପ୍ରାଣହାନି ଘଟିଛି ।

## କୋଭିଡ ସମସ୍ୟା କଣ...

(ପୃଷ୍ଠା-୪ର ଅବଶିଷ୍ଟ)

ସାମାଜିକ ଦୂରତା କ୍ଷୁର୍ଣ୍ଣ ହେଲେ ସ୍ପଷ୍ଟ କରୋନା ସଂକ୍ରମଣର ଭୟାଭୟତା ଜାଣି ମଧ୍ୟ ଗାଁ ଗାଁ, ସହରେ, ସହରେ ଚୋରାଲୁଚାରେ, ପ୍ରଶାସନିକ ଆଢୁଆଳରେ ଭୋଜିଭାତ, ବାହାପୁଆଣି, ଧାର୍ମିକ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିରହିଥିବା ଉଣାଅଧିକେ ସମସ୍ତେ ଅବଗତ ରହିଥିବେ। ଅମାନିଆଙ୍କ ପିଠିରେ ଛାଟ, ଆର୍ଥିକ ଦଣ୍ଡ ପଡିଛି। ରାଜନୀତିଆ, ସୁବିଧାବାଦିଆ, ମୁଷ୍ଟିମେୟଙ୍କ ଲାଗି ସବୁ ନାହିଁ ନାହିଁରେ ଆଇନ ଅମାନ୍ୟ ହେଉଥିଲା। ସାମାଜିକ କଟକଣା ଓ ଦୂରତ୍ୱ ରକ୍ଷା ହେଉଛି ଡିଣ୍ଡିବ ପିଟି ପାଟି ପ୍ରଭାବଶାଳୀ ଓ ଅମାନିଆ ବାକ୍ୟବୀରମାନେ ଖୋଦ୍ କାର୍ଯ୍ୟରେ ସରକାରୀ ନୀତିନିୟମ ଓ କଟକଣାକୁ ଫୁ କରି ଫୁଙ୍କି ଦେଉଥିଲେ। ସଭାସମିତି, ଭୋଜିଭାତ, ସ୍ଥଳିରେ ଚାଲିଥିବା ସଭାସମିତିରେ ହେଉଥିବା ଭିଡ ପ୍ରକୃତରେ ସମୟୋଚିତ ଜାରି ହୋଇଚାଲିଥିବା ସରକାରୀ ଗାଇଡ ଲାଇନକୁ ଅନୁପାଳନ କେତେଦୂର କରିଆସୁଥିଲା, ତାହା ସମସ୍ତେ ଜାଣନ୍ତି। ଏହାର ସଂଶୋଧନ ନିମନ୍ତେ ଆବଶ୍ୟକ ନିରପେକ୍ଷ ତର୍ଜମା ଓ ଅନୁଶୀଳନ ଓ ନୀତିନୀଷ୍ଠ ହୋଇପାରିଲେ ତାହା ଅନ୍ୟକୁ ଅନୁପ୍ରେରିତ କରିପାରନ୍ତା।

କେବଳ କରୋନା ଭୂତାଣୁର ସଂକ୍ରମଣ କାହିଁକି, ଆମ ଚାରିପାଖ ପରିବେଶ ଯେପରି ସତତ ଧୂଳିଧୂସରମୟ, ସେଥିରେ ଆବଶ୍ୟକ ସୁରକ୍ଷା ପାଇଁ ଆମ ମୁହଁରେ ଏକ ତୁଣ୍ଡିର ଆବଶ୍ୟକତା ରହିଛି ବୋଲି କାହାର ସଚେତନତା ରହିପାରୁନାହିଁ। ଜୀବନ ମରଣ ଭଉଁରୀରେ ପଡି ମଧ୍ୟ ଅମାନିଆ ଏବେ ମଧ୍ୟ ସଚେତନ ନୁହଁନ୍ତି। କରୋନାକୁ ପରାହତ କରିବାକୁ ହେଲେ ଆମକୁ ସ୍ୱାସ୍ଥ୍ୟ ସଚେତନ ହୋଇ ସବୁରିଙ୍କ ସୁରକ୍ଷା ପାଇଁ ସାମାଜିକ ଦୂରତା ଓ ମୁହଁରେ ତୁଣ୍ଡି ଦେଇ ଅଯଥା ଭିଡକୁ ଏଡାଇବାକୁ ପଡିବ।

ଆଗାମୀ ଦିନରେ ପ୍ରତିଟି ଜୀବନର ସୁରକ୍ଷା, ଜୀବିକାର ରକ୍ଷା ଦିଗରେ ଆମେ ଉଭୟ ସରକାର ଓ ଜନସାଧାରଣ ପାରସ୍ପରିକ ନୀତିନିଷ୍ଠ ହୋଇପାରିବା, ତେବେ କୋଭିଡ ଭୂତାଣୁ ଆମ ସହ ଜୀବନ କାଳ ରହିଲେ ମଧ୍ୟ ଆମ ସ୍ୱାସ୍ଥ୍ୟ ସଚେତନତାର କବଚ ଭେଦି କାହାରିକୁ ସଂକ୍ରମିତ କରିବାକୁ ସୁଯୋଗ ପାଇବ ନାହିଁ ବୋଲି ସତ୍ୟଟି କେବେ ମଧ୍ୟ ଅନ୍ୟଥା ମିଥ୍ୟାରେ ପରିଣତ ହେବ ନାହିଁ। ଜୀବନ ଚାଲିବ, ଜୀବିକା ଚାଲିବ। କରୋନା ସଚେତନ ଓ ସତର୍କ ରହିଲେ ସମସ୍ୟା ଟଳିବ ହିଁ ଟଳିବ।

ସ୍ତମ୍ଭକାର, ସା/ ପୋ:- ନାଚୁଣୀ, ଜିଲ୍ଲା:- ଖୋରଧା, ପିନ୍-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ବିରୋଧୀଙ୍କୁ ସୁହାଇବକି ଗୋଳିଆ ପାଣି ?

ନୀଳଗିରି, ୦୧/୦୨ (ନି.ପ୍ର): ନୀଳଗିରି ବ୍ଲକରେ ୨୫ଗୋଟି ପଂଚାୟତରେ ହେବାକୁ ଯାଉଥିବା ତ୍ରିସ୍ତରୀୟ ନିର୍ବାଚନରେ ବିଭିନ୍ନ ପଂଚାୟତରେ ସରପଂଚ , ସମିତିସଭ୍ୟ, ୱାର୍ଡସଭ୍ୟ ଶାସକ ବିଜେଡି ଦଳର ଅସନ୍ତୁଷ୍ଟ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବାବେଳେ ଚିନ୍ତାରେ ପଡ଼ିଛନ୍ତି ଭୋଟର । ସନ୍ତୁଷ୍ଟ ବିଜେଡି ସମର୍ଥୀତ ପ୍ରାର୍ଥୀମାନଙ୍କ ପାଇଁ ଅସନ୍ତୁଷ୍ଟ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ତ ? ସୂଚନା ଥାଉକି ନୀଳଗିରି ବ୍ଲକର କେପିଲାଖରାଜ, ମହିଷାପଟା, ରାଧାକିଶୋରପୁର, ମାଟିଆଳି, ତେନ୍ତୁଳିଆ ପ୍ରଭୃତି ଗ୍ରାମପଂଚାୟତରେ ଶାସକ ଦଳର ଅସନ୍ତୁଷ୍ଟ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଭୋଟରମାନେ ନିର୍ଣ୍ଣାୟତ ଭୂମିକାର ପହଂଚି ପାରୁ ନ ଥିବା ବେଳେ ଶାସକ ଦଳର ଗୋଳିଆ ପାଣିରେ ବିରୋଧ ବିଜେପିର ପ୍ରାର୍ଥୀମାନେ ଏହାର ସୁଯୋଗ ନେଇପାରନ୍ତି ବୋଲି ରାଜନୈତିକ ମହଲରେ ଜୋର ଚର୍ଚ୍ଚା ଚାଲିଛି ।

## ଅଳ୍ପ ଦିନ ଭିତରେ ଆମେ ଭଲ ସ୍ଥିତିକୁ ଆସିବା : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ରାଜ୍ୟରେ ସଂକ୍ରମଣ ଲଗାତାର ଭାବେ କମୁଛି। ଏହି ଟ୍ରେଣ୍ଡ ଜାରି ରହିବ । ଅଳ୍ପ ଦିନ ଭିତରେ ଆମେ ସମ୍ପୂର୍ଣ୍ଣ ଭଲ ସ୍ଥିତିକୁ ଆସିବା ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ ଆହୁରି ମଧ୍ୟ କହିଛନ୍ତି , ସଂକ୍ରମଣର ଚେନକୁ ଭାଙ୍ଗିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ନିୟମ କହୁଛି ଭିଡ଼ କରିବା ନାହିଁ କି ଭିଡ଼ କୁ ଯିବା ନାହିଁ। ପାଣ୍ଡେମିକ ରୁଲ କହୁଛି ଧୀରେ ଧୀରେ କଟକଣା କୋହଳ ହେବା ଦରକାର । ପ୍ରଥମ ପର୍ଯ୍ୟାୟରେ ସରସ୍ୱତୀ ପୂଜାକୁ ଅନୁମତି ଦିଆଯାଇଛି। ପରେ ପୁଣି ସ୍କୁଲ ପାଇଁ ସରକାର ନିଷ୍ପତି ନେବେ । ଆମକୁ ସତର୍କ ହେବାକୁ ପଡିବା ପଡିବ। ଯାହାଦ୍ୱାରା କରୋନା ସଂକ୍ରମଣ କମିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କ'ଣ ହେଲା ଶସ୍ତା, କ'ଣ ....

ବିଦେଶରୁ ଆସୁଥିବା ମେସିନ, କୋକୋ ବିନ୍ସ, ଔଷଧ ତିଆରି ପାଇଁ ବିଦେଶରୁ ଆମଦାନୀ ହେଉଥିବା ଆସାଫୋଏଟିଡା, ଏସେଟିକ୍ ଏସିଡ୍, ପେଟ୍ରୋଲିୟମ ପ୍ରଡକ୍ଟ ଉତ୍ପାଦନରେ ବ୍ୟବହୃତ କେମିକାଲ ଏବଂ ଭାରତରେ ତିଆରି ହେଉଥିବା କୃଷି ଉପକରଣ ଏବଂ ମିଥାଇଲ ଆଲକହଲ ରହିଛି । ଦେଶରେ ଡିଜିଟାଲ ବିଶ୍ୱବିଦ୍ୟାଳୟ ଏବଂ ମୋବାଇଲ ନେଟୱର୍କର ଭିତ୍ତିଭୂମିକୁ ସୁଦୃଢ କରିବାକୁ ବଜେଟରେ ବ୍ୟୟବରାଦ ହୋଇଛି । ତେଣୁ ଏହାକୁ ଗୁରୁତ୍ୱ ଦେବାକୁ ଯାଇ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଡିଭାଇସର ଦାମ କମାଇବା ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି କୁହାଯାଉଛି । ସେହିପରି ଦର ବଢିଥିବା ଜିନିଷ ଉପରେ ରହିଛି ବିଦେଶରୁ ଆମଦାନୀ ହେଉଥିବା ଜିନିଷ ଏବଂ ଇଥାନଲ ସହ ମିଶିନଥିବା ପେଟ୍ରୋଲ ଏବଂ ଡିଜେଲ, ଇମିଟେସନ ଗହଣା, ଇୟରଫୋନ ଏବଂ ହେଡଫୋନ, ଲାଉଡସ୍ପିକର, ସୋଲାର ସେଲ୍, ସୌର ସେଲ୍, ଏକ୍ସ ରେ ମେସିନ୍, ଇଲେକ୍ଟ୍ରୋନିକ୍ସ ଖେଳଣା, ମଦ, ତୁଳା, ଏଲଇଡି ଲାଇଟ୍, ଖାଇବା ତେଲ ରହିଛି । ବେରୋଜଗାର ଏବଂ ମହଙ୍ଗା ଭିତରେ ଲୋକେ ଆଶା ରଖିଥିଲେ ଖାଦ୍ୟ ସାମଗ୍ରୀ ଉପରେ ଦର କମିବ । କିନ୍ତୁ ରୋଷେଇରେ ବ୍ୟବହୃତ ହେଉଥିବା ଖାଇବା ତେଲର ଦାମ ବଢାଇ ସରକାର ଏକ ପ୍ରକାର ପକେଟ ଉପରେ ବୋଝ ବଢାଇଛନ୍ତି ।

### ବଜେଟରେ ଭିତ୍ତିଭୂମି ....

ବ୍ୟବସ୍ଥାକୁ ସହଜ କରାଯିବ । ସ୍ଥାନୀୟ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ପାଇଁ ୱାନ ଷ୍ଟେସନ ୱାନ ପ୍ରଡକ୍ଟ, ଯୋଗାଣ ବ୍ୟବସ୍ଥାରେ ମଧ୍ୟ ସୁଧାର ଅଣାଯିବ । ଚଳିତ ଆର୍ଥିକ ବର୍ଷରେ ଫାଇଭ-ଜି ସେବା ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ । ୨୦୨୫ ସୁଦ୍ଧା ଦେଶର ସବୁ ଗାଁରେ ଅପ୍ଟିକାଲ ଫାଇବର ବିଛାଯିବ ଏବଂ ସମସ୍ତେ ଦ୍ରୁତ ଇଣ୍ଟରନେଟର ଲାଭ ଉଠାଇ ପାରିବେ । ନିର୍ମଳା ସୀତାରମଣ କହିଛନ୍ତି, ଗତିଶକ୍ତି ଯୋଜନାରେ ଘରୋଇ ପୁଞ୍ଜିନିବେଶ ବଢିବ । ଏୟାର ଇଣ୍ଡିଆ ବିମାନର ମାଲିକାନା ହସ୍ତାନ୍ତର ହୋଇସାରିଛି, ନୀଳାଚଳ ଇସ୍ପାତ ନିଗମ ଲିମିଟେଡର କ୍ରେତା ମଧ୍ୟ ଚୟନ ହୋଇସାରିଛି । ଉତ୍ପାଦନ ପ୍ରୋତ୍ସାହିତ ଯୋଜନା ସମ୍ପର୍କିତ ୧୪ଟି କ୍ଷେତ୍ରରେ ପାଖାପାଖି ୩୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଥିବା କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ।

### ବର୍ଷା ସମ୍ଭାବନା, ୭ ଜିଲ୍ଲାକୁ ....

ମୟୂରଭଞ୍ଜ, ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ଅନୁମାନ କରାଯାଇଛି। ସେଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୪ ତାରିଖ ସକାଳ ସାଢ଼େ ୮ଟାରୁ ୫ ତାରିଖ ସକାଳ ସାଢ଼େ ୮ଟା ଭିତରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଖୁବଶୀଘ୍ର ୫ଜି ସ୍ପେକ୍ଟ୍ରମ....

ଟ୍ରାଏଲ ପାଇଁ ଅନୁମତି ମିଳିବ । ଅର୍ଥମନ୍ତ୍ରୀ କହିଛନ୍ତି କି ସରକାର ୫ଜି ପାଇଁ ଖୁବଶୀଘ୍ର ପ୍ରଡକ୍ସନ ଲିଙ୍କଡ ଇନସେଂଟିଭ ସ୍କିମ (ପିଏଲଆଇ) ଘୋଷଣା କରାଯିବ । ଏହା ସହ ୫ ଜି ଟେକ୍ନୋଲୋଜୀ ନିଯୁକ୍ତି ଯୋଗାଇବାରେ ସହାୟକ ହେବ । କହିରଖୁ କି ଦେଶରେ ଅନେକ ଘରୋଇ ଟେଲିକମ କମ୍ପାନୀ ଏବେ ଦେଶର ବିଭିନ୍ନ ସହରରେ ୫ଜିର ଟ୍ରାଏଲ କରିବାରେ ଲାଗିଛନ୍ତି । ଜିଓ, ଏୟାରଟେଲ ଓ ଭୋଡାଫୋନ ଆଇଡିଆ ଭଳି ୩ ଟି କମ୍ପାନୀ ଏବେ ମୁମ୍ବାଇ , ପୁଣେ, ଗୁଜୁରାଟ, ଦିଲ୍ଲୀ ଓ ଗୁରୁଗ୍ରାମ ଭଳି ସହରରେ ନିଜର ୫ଜି ନେଟୱର୍କ ଟ୍ରାଏଲ କରୁଛନ୍ତି । କହିରଖୁ କି ଆଜି ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଏନେଇ ସୂଚନା ଦେଇଥିବା ବେଳେ ଏହାପୂର୍ବରୁ କେନ୍ଦ୍ର ଦୂର ସଂଚାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୧ ନଭେମ୍ବର ୧୨ ତାରିଖରେ ଏନେଇ ସୂଚନା ଦେଇଥିଲେ । ସେ କହିଥିଲେ କି ୨୦୨୦ ଏପ୍ରିଲ କିମ୍ବା ମେ' ମାସରେ ଦେଶରେ ୫ଜି ସ୍ପେକ୍ଟ୍ରମ ନିଲାମ ହୋଇପାରେ ।

### କେନ୍ଦ୍ରୀୟ ବଜେଟକୁ ନେଇ ....

ଏହାଦ୍ୱାରା ମହିଳାମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ଏଲ୍‌ପିଜି ସବ୍‌ସିଡି କମି ଥିବାରୁ ମହିଳା ଓ ଗୃହ ଅର୍ଥନୀତି ପ୍ରଭାବିତ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବଜେଟରେ ମଧ୍ୟବିତ ଲୋକଙ୍କ ପାଇଁ ବିଶେଷ କିଛି ନାହିଁ। ସେମାନେ ନିରାଶ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗ୍ରାମ୍ୟ ଗୃହ ଯୋଜନାରେ ଓଡ଼ିଶାକୁ ଅବହେଳା ଆମକୁ ବ୍ୟଥିତ କରିଛି। ଓଡ଼ିଶା ପ୍ରତି ହୋଇଥିବା ଅନ୍ୟାୟର ବିଚାର କରିବା ପାଇଁ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ପୁଷ୍ଟିକର ସୁରକ୍ଷା ତଥା କୃଷକଙ୍କ ଆୟ ବୃଦ୍ଧିରେ 'ଓଡିଶା ମିଲେଟ ମିଶନ' ବୈପ୍ଲବିକ ପରିବର୍ତନ ଆଣିଛି। ଭାରତ ସରକାର କେନ୍ଦ୍ର ବଜେଟରେ ମିଲେଟର ଗୁରୁତ୍ୱକୁ ସ୍ୱୀକୃତି ଦେଇଛନ୍ତି। ତେଣୁ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ନେଇ ମୁଁ ଖୁସି ଅନୁଭବ କରୁଛି। ପିଏମ୍‌ଏୱାଇ ଜଳ ଜୀବନ ମିଶନକୁ ଅଧିକ ଅନୁଦାନ ମିଳିଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ଆବାସ ଯୋଜନାରେ ଗୃହ ପାଇ ନଥିବା ଗରିବ ଓ ଆଦିବାସୀ ଲୋକଙ୍କୁ ସାମିଲ କରିବା ନେଇ ମୁଖ୍ୟମନ୍ତ୍ରୀ ଆଶ ବ୍ୟକ୍ତ କରିଛନ୍ତି।

## ଗବେଷକ ବିଶ୍ୱନାଥ ରଣାଙ୍କ ଦେହାନ୍ତରେ ଶୋକ

ବାଲେଶ୍ୱର, ୦୧/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ଆଜୀବନ ସଦସ୍ୟ ଗବେଷକ ବିଶ୍ୱନାଥ ରଣାଙ୍କର ସୋମବାର ମଧ୍ୟରାତ୍ରିରେ ୬୬ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅଧିକାରୀ ଭାବେ ସେବାନିବୃତ୍ତ ହେବା ପରେ ବାଲେଶ୍ୱର କୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସଂପାଦକ ଦୀପକ ବୋଷ, ଆଜୀବନ ସଦସ୍ୟ ନିବାରଣ ଜେନା, ମମତା ମହାପାତ୍ର ପ୍ରମୁଖ ବହୁ ସାହିତ୍ୟିକ ତାଙ୍କ ଶ୍ୟାମସୁନ୍ଦରପୁରସ୍ଥିତ ବାସଭବନକୁ ଯାଇ ମରଶରୀରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଅଶ୍ରୁଳ ଶ୍ରଦ୍ଧା ନିବେଦନ କରିଥିଲେ।

## ହାତୀ ଉପଦ୍ରବରେ ବନାଂଚଳବାସୀ କ୍ଷତିଗ୍ରସ୍ତ

ନୀଳଗିରି, ୦୧/୦୨ (ନି.ପ୍ର): ନୀଳଗିରି ଅଂଚଳ ମୁଖ୍ୟତଃ ୨ଗୋଟି ବନାଂଚଳ ଯଥା କୁଳଡିହା ଓ ନୀଳଗିରି ରେଞ୍ଜକୁ ନେଇ ଗଠିତ । ବିଗତ ବର୍ଷମାନଙ୍କର ଝାଡ଼ଖଣ୍ଡର ଦଲମା ଅଂଚଳରୁ ଶତାଧିକ ହାତୀ ଆସି ନୀଳଗିରି ବନାଂଚଳ ସମେତ ନୀଳଗିରି ଆଖପାଖ ଅଂଚଳରେ ବହୁ କ୍ଷୟକ୍ଷତି କରିବା ସହିତ ଧନଜୀବନ ନଷ୍ଟ କରିଥାଆନ୍ତି । ଏବେ ପ୍ରାୟ ବର୍ଷ ସାରା ଅଂଚଳରେ ହାତୀର ଭୟ ରହୁଥିବା ବେଳେ ଗତ ସୋମବାର ମଧ୍ୟ ରାତ୍ରିରେ ୨ଟି ଦନ୍ତା କୁଳଡିହା ଅଭୟାରଣ୍ୟରୁ ଆସି ଜାମୁଡ଼ିହା ପଂଚାୟତର ଭୁଲାଗଡ଼ିଆ ଗାଁରେ ପଶିଥିଲେ । ଉକ୍ତ ଗାଁର ଜନକି ଟୁଡୁ ନାମ୍ନୀ ଜଣେ ମହିଳା ତାଙ୍କ ଶାଶୁ ଓ ୩ଜଣ ପିଲା ଶୋଇଥିବା ବେଳେ ଗୋଟିଏ ଦନ୍ତା ତାଙ୍କ ରଜଘର ଭାଙ୍ଗିବାରୁ ଶବ୍ଦ ଶୁଣିବାକୁ ପାଇ ଦନ୍ତାହାତୀ ତାଙ୍କ ଘର ଭାଙ୍ଗୁଥିବା ଦେଖିବାକୁ ପାଇଥିଲେ । ଭୟରେ ୫ଜଣ ଘରୁ ବାହାରି ଗାଁକୁ ପଳାଇ ଯାଇଥିବା ବେଳେ ଘରର କାନ୍ଥ ସହିତ ରଜ ଛପର ଘର, ଆସବାବ ପତ୍ର ନଷ୍ଟ କରିବା ସହିତ ମହଜୁଦ ଥିବା ଚାଉଳ , ଧାନ ଖାଇ ଯାଇଥିବା ଜାନକୀ ସିଂ ଅଭିଯୋଗ କରିଛନ୍ତି । ଉକ୍ତ ରାତ୍ରିରେ ମଧ୍ୟ ସେହି ଗାଁର ମଙ୍ଗଲ ମୁର୍ମୁଙ୍କ ଘର ଦନ୍ତାହାତୀ ଭାଙ୍ଗି ଦେଇଥିବା ଜଣାଯାଇଛି । ଖବର ପାଇ ଗାଁର ୩୦/୫୦ ଯୁବକ ଏକତ୍ରିତ ହୋଇ ଦନ୍ତା ଘଉଡ଼ାଇବା ପାଇଁ କାର୍ଯ୍ୟ କରୁଥିବା ବେଳେ ବନବିଭାଗ ଖବର ପାଇ ଯୁବକମାନଙ୍କ ସହିତ ମିଶି ଟିଣ ବାଡ଼େଇ ହାତୀ ଘଉଡ଼ାଇବାରେ ସାହାଯ୍ୟ କରିଥିଲେ । ଅନୁରୂପ ଭାବେ ଅନ୍ୟ ଏକ ହାତୀ କୁଳଡିହା ପାଦ ଦେଶରେ ଥିବା ବାଣ୍ଡିଆପଡ଼ା ଗ୍ରାମର ସୁରା ସିଂଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି । ବାରମ୍ବାର ହାତୀମାନଙ୍କ ଉପଦ୍ରବ ଯୋଗୁଁ ବନାଂଚଳବାସୀ ଭୟଭୀତ ରହୁଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳ ବାସୀ ଦାବୀ କରିଛନ୍ତି ।

## ବିଜେଡିରେ ବୋରିଗୁମ୍ମାର ତିନି କଂଗ୍ରେସ ନେତା

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ବିଜେଡିରେ ମିଶିଲେ କଂଗ୍ରେସ ବୋରିଗୁମ୍ମା ବ୍ଲକର ତିନି ଟାଣୁଆ ନେତା। ଜୟପୁର ନିର୍ବାଚନ ମଣ୍ଡଳୀର ୨୦୦୯ର କଂଗ୍ରେସ ବିଧାୟକ ପ୍ରାର୍ଥୀ ନାଗରାଜ ଦୋରା ଏବଂ ବୋରିଗୁମ୍ମା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ନିରଞ୍ଜନ ପ୍ରଧାନ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ବୋରିଗୁମ୍ମାର ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ନାୟକ ମଧ୍ୟ ବିଜେଡ଼ିରେ ସାମିଲ ହୋଇଛନ୍ତି । ରାଜ୍ୟ ଯୁବ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ଓ ମାଲକାନଗିରିର ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥି ବେହେରା ଏବଂ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ଏମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ରେ ସାମିଲ ହୋଇଛନ୍ତି। ମହିଳା ମାନଙ୍କୁ ଦଳରେ ଯେଉଁ ସମ୍ମାନ ମିଳୁଛି ଏବଂ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଯେଉଁଭଳି ଭାବେ ସଶକ୍ତି କରଣ କରୁଛନ୍ତି ସେଥିରେ ପ୍ରଭାବିତ ହୋଇ ବିଜେଡି ମିଶିଛନ୍ତି। ବ୍ଲକ ରେ ଦଳ କେମିତି ଅଧିକ ମଜବୁତ ହେବ ସେ ନେଇ କାମ କରିବୁ ବୋଲି କହିଛନ୍ତି ନାଗରାଜ ଦୋରା ।

## ଏମ.କେ.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ




ବାରିପଦା, ୦୧/୦୨ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ ସରକାରୀ କିରୀରୁ ଅବସର ଗ୍ରହଣ କରିବା ଅବସରରେ ଏକ ଅବସରକାଳୀନ ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅମିତାଭ ମିଶ୍ର ସଂଯୋଜନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଦଣ୍ଡପାଟ୍, ଉପେନ୍ଦ୍ରନାଥ ବେହେରା, ଅମୂଲ୍ୟ କୁମ୍ଭକାର, ମନୋଜ ପରିଡା, ଅଲିଭା ପୋଥାଲ ପ୍ରମୁଖ ବକ୍ତବ୍ୟ ରଖି ହରେକୃଷ୍ଣ ମହାନ୍ତିଙ୍କ ଦିର୍ଘ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷକ ସମାଜ ସଭାପତି ଡ. ସରୋଜ ନାଏକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ହରିଚରଣ ମଣ୍ଡଳ ଡ. ରୋମକାକାନ୍ତ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏମ.କେ.ସି. ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୁର୍ଣ୍ଣେନ୍ଦୁ ଦାସ, ରଞ୍ଜନ ବାନାର୍ଜୀ, ପ୍ରଦୀପ ମହାନ୍ତି, ପ୍ରଦୀପ ପାଣିଗ୍ରାହି, ତିସିର ଘୋଷ, ଉମେଶ ଦାସ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକଙ୍କ ଉପଢୌକନ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଷରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଗାୟତ୍ରୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରାଜୀବ ଲୋଚନ ଜେନା, ସତ୍ୟରଞ୍ଜନ ମହାନ୍ତ, ଜଗନ୍ନାଥ ସୁତାର, ଲକ୍ଷ୍ମୀନାରାୟଣ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଶ୍ରୀଯୁକ୍ତ ମହାନ୍ତଙ୍କ ।ର୍ଯ୍ୟକାଳ ସମୟରେ ବିଦ୍ୟାଳୟର ରୂପାନ୍ତରଣ ଉତ୍ସବ ଅନିଷ୍ଠିତ ହୋଇଥିଲା। ଏମ.କେ.ସି. ହାଇସ୍କୁଲ ଭଳି ଏକ ଖ୍ୟାତି ସମ୍ପନ୍ନ ବିଦ୍ୟାଳୟ କାର୍ଯ୍ୟକରିବାର ସୁଯୋଗ ପାଇ ନିଜକୁ ଗୌରବାନ୍ୱିତ ମନେ କରିଥିବା ଶ୍ରୀ ମହାନ୍ତ ପ୍ରକାଶ କରିଥିଲେ।

## ପ୍ରବୀଣ ଶିକ୍ଷକ ତଥା ଅନୁଷ୍ଠାନ ପ୍ରେମୀ ନନୀଗୋପାଳ ଦତ୍ତଙ୍କ ପରଲୋକ

ଜଳେଶ୍ୱର, ୦୧/୨(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ପଂଚାୟତର ଧାନସିମୁଳିଆ ଗାଁର ବିଶିଷ୍ଟ ସଂଗଠକ ନନୀଗୋପାଳ ଦତ୍ତଙ୍କ ଆଜି ୧୦.୪୫ ମି.ରେ ୮୧ବର୍ଷ ବୟସରେ ପରଲୋକ ହୋଇଛି । ୨ ଦିନ ତଳେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ବାଲେଶ୍ୱର ଫକୀରମୋହନ ହସ୍ପିଟାଲକୁ ନିଆଯାଇଥିଲା । ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ସେ କଥାବାର୍ତ୍ତା କରୁଥିବା ବେଳେ ହଠାତ୍ ମୃତ୍ୟବରଣ କରିଥିବା କୁହାଯାଇଛି । ସେ ଜଳେଶ୍ୱରର ପୂର୍ବତନ ବିଧାୟକ ଗଦାଧର ଗିରିଙ୍କ ସମସାୟୀକ ଓ ତାଙ୍କ ଆଦର୍ଶନରେ ଅନୁପ୍ରାଣିତ ହୋଇଥିଲେ । ଜଣେ କର୍ତ୍ତବ୍ୟ ପରାୟଣ ଶିକ୍ଷକ, ଛାତ୍ରବତ୍ସଳ, ସୁ ସଂଗଠକ ଗ୍ରାମ୍ୟବିଚାରକ ଭାବେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ସେ ନାମ୍ପୋ, ରାୟାଁ ରାମଚନ୍ଦ୍ରପୁର, ବାଲିଆପାଳ, ବାଘବାଳୀ ଇତ୍ୟାଦି ବିଦ୍ୟାଳୟରେ ଶିକ୍ଷକତା କରି ୧୯୯୯ ମସିହାରେ ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟବଧି ବିଭିନ୍ନ କାର୍ଯ୍ୟ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟବେଳେ ତାଙ୍କର ପୁଅ, ବୋହୂ, ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିବା ବେଳେ ପୁଅ ଅଶୋକ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ । ସମାଜର କମର୍ଦ୍ଧା ପ୍ରତିନିଧି ଚକ୍ରଧର ଭୂୟାଁଙ୍କ ସେ ଥିଲେ ଶ୍ୱଶୁର । ଶେଷ ଦର୍ଶନ ପାଇଁ ଗାଁର ଅରଉଣ ପରିଡା, ତ୍ରିଲୋଚନ ବାରିକ, ଗୋବର୍ଦ୍ଧନ ବାରିକ, ଅତୁଲ ଭୁୟାଁ, ବିନୟ ପାତ୍ର, ଭଗିରଥ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।

## ନିର୍ବାଚନ ଆଚରଣ ବିଧିକୁ ଉଲଙ୍ଘନ କରିଥିବା ପ୍ରଚାର ଗାଡି ଜବତ୍



ଜଳେଶ୍ୱର, ୦୧/୦୨ (ନି.ପ୍ର): ରାଜ୍ୟରେ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ ଚାଲିଥିବା ବେଳେ ଆଚରଣ ବିଧିକୁ ଉଲଙ୍ଘନ କରିଥିବା ଅଭିଯୋଗରେ ବାଲେଶ୍ୱର ଜିଲାର ଜଳେଶ୍ୱର ପୁଲିସ୍ ଏକ ପ୍ରଚାର ଗାଡିକୁ ଜବତ୍ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ଉପାନ୍ତ ନଛିମପୁର ପଂଚାୟତରେ ଆଜି ଏକ ବ୍ୟାଟେରୀ ଚାଳିତ ନିର୍ବାଚନ ପ୍ରଚାର ଗାଡି ପ୍ରଚାର କରୁଥିଲା । ଏହି ଗାଡିରେ ବିଜେଡି ଦଳୀୟ ପତାକା ଲାଗିବା ସହିତ ସେହି ପଂଚାୟତ ଲାଗି ସରପଂଚ ପ୍ରାର୍ଥୀ ରାଜେଶ ଜେନା ଓ ସମିତି ସଦସ୍ୟ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ବ୍ୟାନର ଲାଗିଥିଲା । ଏ ସମ୍ପର୍କରେ ଖବର ପାଇ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ୍ କରି ଥାନାକୁ ଆଣିଥିଲେ । ଗାଡିର ଆବଶ୍ୟକ କାଗଜପତ୍ର ଓ ପ୍ରଚାର ସମ୍ପର୍କିତ କାଗତପତ୍ର ନ ଥିବାରୁ ଜଳେଶ୍ୱର ପୁଲିସ୍ ଜବତ୍ କରିଥିବା ସମ୍ପର୍କରେ ବାଲେଶ୍ୱର ଡିଆଇବି ସୂଚନା ଦେଇଛନ୍ତି । ବ୍ଲକ ନିର୍ବାଚନ ଅଧିକାରୀ ତଥା ଜଳେଶ୍ୱର ବିଡିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହା ତାଙ୍କ ନଜରକୁ ଆସିନାହିଁ ବୋଲି କହିଥିଲେ । ସୂଚନା ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ୩୦ ଯୁବକଙ୍କ ୭୫କୋଟି ସୂର୍ଯ୍ୟ ନମସ୍କାର

ଜଳେଶ୍ୱର, ୦୧/୨(ନିପ୍ର) : ସ୍ୱାଧିନତାର ଅମୃତ ମହୋତ୍ସବ ଉପଲକ୍ଷେ ରାଇବଣିଆ ଥାନା ଅନ୍ତର୍ଗତ ଶାଳବଣି ସ୍ୱାସ୍ଥ୍ୟକେନ୍ଦ୍ରରେ ୭୫ କୋଟି ସୂର୍ଯ୍ୟନମସ୍କାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରରର କର୍ମଚାରୀ, ଅନ୍ତେବାସୀ ଓ ନିକଟସ୍ଥ ଗ୍ରାମବାସୀ ଏହି ସୂର୍ଯ୍ୟନମସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡା. ଅଜୟ କୁମାର ଜେନା ଓ ଯୋଗ ଶିକ୍ଷକ ମନୋଜ ଦେ ପ୍ରତିଦିନ ୩୦ ଜଣ ଯୁବକଙ୍କୁ ଯୋଗ ଅଭ୍ୟାସ କରାଇଥିବା ବେଳେ ଯୋଗ ପ୍ରଶିକ୍ଷକ ମୁରଲୀ ଦାସ ଅଧିକାରୀ ଓ ସୂର୍ଯ୍ୟକାନ୍ତ ଜେନା ସହଯୋଗ କରିଥିଲେ । ପ୍ରତିଦିନ ସକାଳେ ପ୍ରବଳ ଶୀତ ଅନୁଭୂତ ହେଉଥିଲେ ମଧ୍ୟ ଏହି ଯୋଗ କାର୍ଯ୍ୟକ୍ରମ ଦେଖିବା ଲାଗି ପ୍ରବଳ ଭିଡ ଦେଖିବାକୁ ମିଳିଥିଲା ।

## କର୍ପୋରେଟ ବଜେଟ୍ : ପଂଚାନନ କାନୁନଗୋ

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ଚଳିତ ବଜେଟ୍ ସାଧାରଣ ଜନତାଙ୍କ ପାଇଁ ନୁହେଁ। ଏହା କର୍ପୋରେଟ ବଜେଟ। ଏଥିରେ ଚାଷୀ ଓ ସାଧାରଣ ଲୋକ ହତାଶ ହୋଇଛନ୍ତି। ଇଏଜୁକେସନ କାର୍ଯ୍ୟକ୍ରମରେ କର୍ପୋରେଟ ସଂସ୍ଥା ଲାଭବାନ ହେବେ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କହିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଉପସ୍ଥାପନ କରିଥିବା ୨୦୨୨-୨୩ ଆର୍ଥିକ ବର୍ଷରସାଧାରଣ ବଜେଟ ଉପରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି। ଦରଦାମ କମିବା ନେଇ ବଜେଟରେ କିଛି ସ୍ପଷ୍ଟତା ନାହିଁ। ଚାଷୀଙ୍କ ପାଇଁ କେବଳ କଥା ମିଳିଛି। ବଜେଟରେ କିଛି ସ୍ୱତନ୍ତ୍ରତା ନାହିଁ। ପ୍ରଧାନମନ୍ତ୍ରୀଙ୍କ ଶକ୍ତି ଯୋଜନା କେବଳ ଧୂଆଁବାଣ ବୋଲି ପଂଚାନନ କାନୁନଗୋ କହିଛନ୍ତି।

## ମୃତ ସିଆଇଏସଏଫ ଯବାନଙ୍କ ଚକ୍ଷୁଦାନ କରି ପରିବାର ଲୋକ ତାଙ୍କର ଇଚ୍ଛା ପୂରଣ କଲେ



ବାଲିଆପାଳ, ୦୧/୦୨ (ନି.ପ୍ର): ବାଲିଆପାଳ ଥାନା ଅସ୍ତି ପଂଚାୟତ ପାରୁଳିଆ ଗ୍ରାମର ଅବସରପ୍ରାପ୍ତ କେନ୍ଦ୍ରୀୟ ଶିଳ୍ପାଂଚଳ ସୁରକ୍ଷା ବଳ ଯବାନ ରାମଚନ୍ଦ୍ର ଦାସଙ୍କ ମୃତ୍ୟୁ ପରେ ତାଙ୍କପରିବାର ଲୋକ ଚକ୍ଷୁଦାନ କରିଛନ୍ତି । ଏହା ତାଙ୍କର ଅନ୍ତିମ ଇଚ୍ଛା ଥିବାରୁ ପରିବାର ଲୋକ ତାହା ପୂରଣ କରିଥିବା କୁହାଯାଇଛି । ସେ ଝାଡଖଣ୍ଡ ବୋକାରୁ ସିଆଇଏସଏଫରେ ସବଇନ୍ସପେକ୍ଟର ଥାଇ ୨୦୧୫ ମସିହା ଫେବୃଆରୀ ୨୮ ତାରିଖ ଦିନ ଅବସର ଗ୍ରହଣ କରିଥିଲେ । ରବିବାର ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସଂର୍ପକୀୟମାନେ ଚିକିତ୍ସା ପାଇଁ ବାଲେଶ୍ୱର ନେଇଯାଉଥିଲେ । ମାତ୍ର ରାସ୍ତାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପୂର୍ବରୁ ରାମଚନ୍ଦ୍ରଙ୍କ ଛାତିରେ ସ୍ପେସମେକର ଲାଗିଥିଲା । ଗତ କାଲି ଗ୍ରାମ ଶଶ୍ମାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ସାନପୁଅ ରତନ କୁମାର ମୁଖାଗ୍ନି ଦେଇଛନ୍ତି । ଜଣେ ସୁରକ୍ଷା ବଳ ଯବାନ ଚକ୍ଷୁଦାନ ପରି ମହତ କାର୍ଯ୍ୟ କରିଥିବାରୁ ଜନମାନସରେ ସବୁଦିନ ସେ ଅମର ହୋଇ ରହିବେ । ଅନ୍ୟମାନଙ୍କ ପାଇଁ ସେ ଏକ ଉଦାହରଣ ଛାଡିଯାଇଛନ୍ତି ବୋଲି ଲୋକେ କୁହାକୁହି ହେଉଛନ୍ତି ।

## ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ମାଟିଆଳି ପଂଚାୟତରେ ଚାଲିଛି ଉନ୍ନୟନମୂଳକ କାର୍ଯ୍ୟ

ନୀଳଗିରି, ୦୧/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ଅର୍ଥର ଆବଶ୍ୟକତା ଥିବା ବେଳେ ପଂଚାୟତର ବିଭିନ୍ନ ପ୍ରକଳ୍ପ ଗୁଡ଼ିକରେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ କରିବା ପ୍ରୟାସ ଜାରି ରହିଛି । ସୂଚନାଥାଉକି ନୀଳଗିରି ବ୍ଲକ ଅଧୀନସ୍ଥ ମାଟିଆଳି ପଂଚାୟତରେ ତରବରିଆ ଭାବେ ଶ୍ରୀପତୀ ଆଶ୍ରମ ପଛ ପଟ ପକ୍କା ରାସ୍ତା, ଧବଣୀ ଠାରେ ପକ୍କା ରାସ୍ତା, ଏବଂ ଧପଡ଼ା ଠାରେ ପକ୍କା ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଅଛି। ଉକ୍ତ ସମସ୍ତ ପକ୍କା ରାସ୍ତା ନିର୍ମାଣରେ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ତେବେ ଠିକାଦାର ଜଣକ ପଂଚାୟତ ନିର୍ବାଚନରେ ନିଜ ସପକ୍ଷବାଦୀ ଭୋଟର, କର୍ମୀ ଏବଂ ପ୍ରାର୍ଥୀକୁ ଜିତାଇବାପାଇଁ ଅର୍ଥରେ ଆବଶ୍ୟକତା କୁ ଲକ୍ଷ୍ୟ ରଖି ଏଭଳି ନିମ୍ନ ମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । କେତେଗୋଟି ରାସ୍ତାରେ ସାଇନବୋର୍ଡ ଲେଖା ଯାଇ ନ ଥିବା ବେଳେ ଏବଂ କାର୍ଯ୍ୟ ସମୟରେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ଜଣକ ଇଚ୍ଛାମୁତାବକ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ କରିସାରିଛନ୍ତି । ଏ ବାବଦରେ କନିଷ୍ଠଯନ୍ତ୍ରୀ ପ୍ରଫୁଲ୍ଲ ମଲିକ ଙ୍କୁ ପଚାରିବାରୁ ସମସ୍ତ ସଂପୂର୍ଣ୍ଣ ପ୍ରକଳ୍ପ ବାବଦରେ ଜାଣି ନାହାନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସମସ୍ତ ପ୍ରକଳ୍ପର ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ଦାବୀ ହୋଇଛି ।

## ଜଳେଶ୍ୱର ପୌର ନିର୍ବାଚନ ଲାଗି ପ୍ରକାଶ ପାଇଲା ଚୂଡାନ୍ତ ସଂରକ୍ଷଣ ତାଲିକା

ଜଳେଶ୍ୱର, ୦୧/୨(ନିପ୍ର) : ସମଗ୍ର ରାଜ୍ୟର ୧୦୭ଟି ପୌର ପରିଷଦ ଲାଗି ନିର୍ବାଚନ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ଏଥିରେ ଜଳେଶ୍ୱର ପୌରପାଳିକାର ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ହୋଇଥିବାରୁ ଏହାକୁ ରାଜନୈତିକ ଦଳ ଗୁଡିକ ସ୍ୱାଗତ କରିଛନ୍ତି । ପୌର ନିର୍ବାଚନର ରଣତୁରୀ ବାଜିବା ପୂର୍ବରୁ ୱାର୍ଡ ଗୁଡିକ ମଧ୍ୟ ସଂରକ୍ଷିତ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ୱାର୍ଡ ନଂ୧, ୨, ୬, ୭, ୮, ୯, ୧୨ ସାଧାରଣ ବର୍ଗ ପାଇଁ ରହିଥିବା ବେଳେ ୱାର୍ଡ ନଂ ୩, ୪, ୫, ୧୦, ୧୧, ୧୩, ୧୪, ୧୭ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ଏହା ବ୍ୟତିତ ୧୦ ନଂ ୱାର୍ଡ ଅନୁସୂଚିତ ଜାତି ମହିଳା, ୧୫ନଂ ୱାର୍ଡ ଅନୁସୂଚିତ ଜନ ଜାତି ମହିଳା ଓ ୧୬ନଂ ୱାର୍ଡ ଅନୁସୂଚିତ ଜନ ଜାତି ପୁରୁଷ ଲାଗି ସଂରକ୍ଷଣ ରହିଛି । ଏହା ଜଣାଯିବାପରେ ମ୍ୟୁନିସିପାଲଟିର ରାଜନୈତିକ ଦଳ ଗୁଡିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ରାଜନୈତିକ ଦଳ ଗୁଡିକ ସେମାନଙ୍କ କର୍ମୀମାନଙ୍କୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି । ଫଳରେ ପୌର ପରିଷଦରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି ।

# ଗୋଟିଏ ଦିନରେ ୩୦୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୦୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୫୨୩୨୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୦୧ ହଜାର ୫୪୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୨୦୯୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୦୮୬ ଜଣଙ୍କ ମଧ୍ୟରୁ ୧୭୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୬୫୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୮୨, ବାଲେଶ୍ୱର ଜିଲ୍ଲାରୁ ୭୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୬, କଟକରୁ ୩୨୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୩, ଗଂଜାମ ଜିଲ୍ଲାରେ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୪, ଯାଜପୁରରୁ ୧୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି କନ୍ଧମାଳ ଜିଲ୍ଲାରୁ ୨୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୯ , ଖୋର୍ଦ୍ଧାରୁ ୬୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୪୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଷ୍ଟାଇପେଣ୍ଡ ମିଳୁନି : ତଦନ୍ତ ଦାବି



ବାଲିଆପାଳ, ୦୧/୦୨ (ନି.ପ୍ର): ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ର ଛାତ୍ରୀଙ୍କୁ ସରକାରଙ୍କ ଷ୍ଟାଇପେଣ୍ଡ ସହାୟତା ମିଳିନାହିଁ । ଏହାକୁ କେନ୍ଦ୍ରକରି ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସଂପର୍କରେ ସଠିକ ତଥ୍ୟ ଜାଣିବା ପାଇଁ ବାଲିଆପାଳ ସୂଚନା ଅଧିକାର ସଂଘ ସରକାରଙ୍କଠାରେ ଦୃଢଦାବି ହୋଇଛି । ଉପରୋକ୍ତ ଆର୍ଥିକ ବର୍ଷରେ ଏହି ହାଇସ୍କୁଲର ବିଭିନ୍ନ ଶ୍ରେଣୀରେ ପଢୁଥିବା ୧୨୫ ଜଣ ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ସହାୟତା ମିଳୁନାହିଁ । ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ତୃଟି ରହିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହାର ଏକ ବିଧିବଦ୍ଧ ତଦନ୍ତ ହେଲେ ପ୍ରକୃତ ସତ୍ୟତା ପ୍ରକାଶ ପାଇପାରନ୍ତା ବୋଲି ସୂଚନା ଅଧିକାର ସଂଘ ପ୍ରକାଶ କରିଛି । ସଂଘ ପକ୍ଷରୁ ଆଜି ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ସଭାପତି ଅନୁଜ କୁମାର ମହାପାତ୍ର ଅଧକ୍ଷତା କରିଥିଲେ । ବାଲିଆପାଳ ବ୍ଲକ କର୍ତ୍ତୃପକ୍ଷ ଏ ବାବଦରେ କୌଣସି ତଥ୍ୟ ସଂଘକୁ ଦେଉନାହିଁ । ଗତ ମାସ ୬ ତାରିଖ ଦିନ ସଂଘ ପକ୍ଷରୁ ବ୍ଲକ ଆଗରେ ଧାରଣା ଦିଆଯାଇଥିଲା । ସ୍ଥାନୀୟ ବିଡିଓ, ଥାନାଧିକାରୀ ପହଂଚି ୭ ଦିନ ମଧ୍ୟରେ ସମସ୍ତ ତଥ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଏହା ଭିତରେ ଦୀର୍ଘ ଦିନ ବିତିଯାଇଥିଲେ ବି ସଂଘ କୌଣସି ତଥ୍ୟ ପାଇନାହାନ୍ତି । ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସହିତ ଯୋଗ ଯୋଗ କରିବାରୁ ସେ କହିଥିଲେ ଯେ ସମସ୍ତ ଏସି ଓ ଏସଟି ପିଲାଙ୍କ ତାଲିକା ଜିଲା ସମାଜ ମଙ୍ଗଳ ବିଭାଗକୁ ପଠାଯାଇଛି । ସେଠାରେ କୌଣସି ଅସୁବିଧା ହୋଇଛି । ସେ କଥା ସେ ଜାଣିନଥିବା କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ସଂଘର କୁଶଧ୍ୱଜ ଜେନା, ପ୍ରହ୍ଲାଦ ଘଡାଇ, ଶରତ କୁମାର ପାତ୍ର, ଗୋପୀନାଥ ଗଙ୍ଗାଇ, ଦେବେନ୍ଦ୍ର ନାଥ ଦାସ, କାହ୍ନୁଚରଣ ପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କରୋନାରୁ ସୁସ୍ଥ ହେଲେ ୭୭୬୭

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଆଉ ୭ହଜାର ୭୬୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୦୯ , ୩୧୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୧୫୦ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୭୭୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୫୯୯, ନୂଆପଡ଼ାରୁ ୨୭୪, ଯାଜପୁର ଓ କେନ୍ଦୁଝରରୁ ୨୫୨ ଲେଖାଏଁ, ବାଲେଶ୍ୱରରୁ ୨୩୩, ନୟାଗଡ଼ରୁ ୨୧୭, ବୌଦ୍ଧରୁ ୧୯୬, ବଲାଙ୍ଗୀରରୁ ୧୮୪ ଓ କଳାହାଣ୍ଡିରୁ ୧୭୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଜଗତସିଂହପୁରରୁ ୧୬୮, ମୟୂରଭଂଜରୁ ୧୬୬, ସମ୍ବଲପୁରରୁ ୧୬୦, କୋରାପୁଟରୁ ୧୫୫, କେନ୍ଦ୍ରାପଡ଼ାରୁ ୧୪୪, ବରଗଡ଼ରୁ ୧୪୧, କନ୍ଧମାଳରୁ ୧୨୯, ନବରଂଗପୁର ଓ ପୁରୀରୁ ୧୧୫ ଲେଖାଏଁ, ଢେଙ୍କାନାଳରୁ ୧୧୪, ଭଦ୍ରକରୁ ୧୧୦, ଅନୁଗୁଳରୁ ୧୦୮, ରାୟଗଡ଼ାରୁ ୧୦୩, ଗଜପତିରୁ ୯୨, ଦେବଗଡ଼, ଝାରସୁଗୁଡ଼ାରୁ ୬୦ ଲେଖାଏଁ, ମାଲକାନଗିରି ଓ ସୁବର୍ଣ୍ଣପୁରରୁ ୫୫ ଲେଖାଏଁ, ଗଂଜାମରୁ ୪୫ ଓ ରାଜ୍ୟପୁଲରୁ ୩୬୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ଜଳେଶ୍ୱରରେ ଜବତ୍ ହୋଇଥିବା ବ୍ରାଉନ୍‌ସୁଗର ଘଟଣାରେ ୪ ଗିରଫ

ଜଳେଶ୍ୱର, ୦୧/୦୨ (ନି.ପ୍ର): ଆନ୍ତରାଜ୍ୟସ୍ତରେ ଚାଲାଣ ହେଉଥିବା ଧଳା ଜହର ଏବେବି ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବାର ପୁଲିସ୍‌ଠାରେ ଠୋସ୍ ପ୍ରମାଣ ରହିଛି । ଏହାକୁ ଆଧାର କରି ସୋମବାର ରାତିରେ ପୁଲିସ୍ ୧୨୫ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ କରିବା ସହିତ ଏଥିରେ ସଂପୃକ୍ତ ୪ଜଣଙ୍କୁ ଗିରଫ କରିଛି ବୋଲି ଡିଆଇବି ଡିଏସ୍‌ପି ବ୍ରଜେଶ୍ୱରୀ ବେହେରା କହିଛନ୍ତି । ଜଳେଶ୍ୱର ଥାନାର ସବ୍‌ଇନିସ୍‌ପେକ୍ଟର ମଧୁସ୍ମିତା ସିଂ ପେଟ୍ରୋଲିଂ ବେଳେ ପଂଚୁଘଣ୍ଟା ଅଂଚଳରୁ ଏପରି କାରବାର ହେଉଥିବା ଜାଣିବାକୁ ପାଇଥିଲେ । ପୁଲିସ୍ ସଦଳବଳେ ଶାସନବାର୍ଡ ଗାଁର ପ୍ରଦୀପ ଦାସ(୪୦), ସଂଜିବ ପଟ୍ଟନାୟକ(୪୧), ସୟଦ ସରିଫ ହୋସେନ୍(୩୬) ଏବଂ ନାମ୍ପୋର ସୁଶାନ୍ତ ଦାସ ଅଧିକାର(୪୫) ଗିରଫ କରିବାରେ ସକ୍ଷମ ହୋଇଛନ୍ତି । ପ୍ରକାଶଯୋଗ୍ୟ ଏହା ପୂର୍ବରୁ ଗତ ୨୯ ତାରିଖରେ ପୁଲିସ୍ ସବ୍‌ଇନସ୍‌ପେକ୍ଟର ପ୍ରିୟଦର୍ଶିନୀ ଖଟୁଆଙ୍କ ଏତାଲାମୂଳେ ୩୨ନଂ କେସ୍‌ରେ ୩୧୫ ଗ୍ରାମର ଧଳାଜହର ଜବତ୍ ହୋଇଥିଲା । ଏଥିରେ ମଧ୍ୟ ୪ଜଣଙ୍କୁ ଗିରଫ କରିବାରେ ପୁଲସ୍ ସଫଳ ହୋଇଥିଲା । ଝାଡେଶ୍ୱରପୁରର ଇସ୍‌ମାଇଲ ଖାଁ(୬୦), ସୈନାଜ ବିବି(୨୧), ଝାଡେଶ୍ୱର ପୁରର ଏକଲାକ ଅଲ୍ଲି ଏବଂ ବୈସିଙ୍ଗା ଥାନାର ଗୋବିନ୍ଦ ରାଇପୁର ଗାଁର ସେକ୍ ଅବଦୁଲ ରସିଦ୍ କୁ ପୁଲିସ୍ ଗିରଫ କରିଥିଲା । ଗତ ୩ ଦିନ ମଧ୍ୟରେ ପୁଲିସ୍ ମୋଟ ୪୩୦ ଗ୍ରାମ ଧଳାଜହର ଜବତ୍ ସହିତ ୮ଜଣକୁ ଗିରଫ କରିଛି । ଅନ୍ୟପକ୍ଷରେ ଜଳେଶ୍ୱର ପୁରୁଣିଆ ବଜାର ଅଂଚଳରୁ ଜନୈକ ଯୁବକକୁ ପୁଲିସ୍ ଏହି ଘଟଣାରେ ଉଠାଇଥିବା ବେଳେ ତାକୁ ଛାଡିଦେବାଲାଗି ଆଲୋଚନା ହେଉଛି ।

# ତେଜୁଛି ଯୁକ୍ତଦୁଇ ଅଫଲାଇନ ପରୀକ୍ଷା ବନ୍ଦ ଦାବି



ବାଲେଶ୍ୱର,୦୧/୦୨ (ନି.ପ୍ର): ତୃତୀୟ ଲହରରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବା ବେଳେ ସରକାରଙ୍କ ଅଫଲାଇନ ପରୀକ୍ଷା ନିଷ୍ପତ୍ତି ବିରୋଧରେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ଚରମ ରୂପ ନେବାକୁ ଯାଉଛି। ନିଖିଳ ଓଡ଼ିଶା ଛାତ୍ର ସଙ୍ଗଠନ ବା 'ଅଲ ଓଡ଼ିଶା ଷ୍ଟୁଡେଣ୍ଟସ ୟୁନିୟନ' ଆସନ୍ତା ୩ ତାରିଖରୁ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହଲାଇବାର ଚେତାବନୀ ଦେଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ହୋଟେଲ ମେରିଡିଆନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ବାଲେଶ୍ୱର ଶାଖା ଛାତ୍ରନେତାମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ପରୀକ୍ଷା ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ସେମାନେଙ୍କ ଅଭିଯୋଗ ଅନୁସାରେ କରୋନା ଯୋଗୁଁ ଦୀର୍ଘ ଦେଢ଼ବର୍ଷ ଧରି କଲେଜ ବନ୍ଦ ରହିବା ଓ ମୋଟ ୭୯ ଦିନ ଖୋଲା ଯାଇଥିଲା। ଅଧ୍ୟାପକ ଅଭାବ ଯୋଗୁଁ ପ୍ରାୟ ଅଧିକାଂଶ କଲେଜରେ ୭୯ ଦିନ ସମ୍ପୂର୍ଣ୍ଣ ପାଠପଢ଼ା ହୋଇପାରି ନାହିଁ। ପରବର୍ତ୍ତୀ ସମୟରେ ଅନଲାଇନ କ୍ଲାସ ହୋଇଥିଲେ ବି ଦୁର୍ବଳ ଇଣ୍ଟରନେଟ ଓ ଇଲେକ୍ଟ୍ରି ସମସ୍ୟା ଯୋଗୁଁ ୯୦ ପ୍ରତିଶତ ପିଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଅତଏବେ ଗତବର୍ଷ ଭଳି ଯୁକ୍ତଦୁଇରେ ପ୍ରଥମ ବର୍ଷର ଶ୍ରେଣୀ ପରୀକ୍ଷା ମାର୍କ ଆଧାରରେ ଫଳ ପ୍ରକାଶ ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ସରକାର ପରୀକ୍ଷା ନିଷ୍ପତ୍ତି ପ୍ରତ୍ୟାହର ନ କଲେ ୩ ତାରିଖରୁ ଆନ୍ଦୋଳନ ଜୋରଦାର ହେବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ସହର ଷ୍ଟେସନ ଛକଠାରେ ଜିଲା ସାରାର ହଜାର ହଜାର ଯୁକ୍ତଦୁଇ ଛାତ୍ରଛାତ୍ରୀ ରାସ୍ତାରୋକ କରିବେ ବୋଲି ସେମାନେ ସୂଚନା ଦେଇଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଛାତ୍ରନେତା ଅର୍ପିତ ପତି, ଚିନ୍ମୟ ପାଢ଼ୀ, ପ୍ରବୀଣ ଶର୍ମା, ଦେବ ଆରିୟନ, ସୁମଙ୍ଗଲ ପଣ୍ଡା, ମୋନାଲିସା ରଣା, ଦୀପେନ୍ଦୁ ମଣ୍ଡଳ, ଡଲି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଓସିଏ ଭିଜନ -୨୦୨୪ ପାଇଁ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ



ବାରିପଦା, ୦୧/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ଠାରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଏବଂ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଓସିଏ ଭିଜନ-୨୦୨୪ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଓ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବ୍ୟକ୍ତିଗତ ଭାବେ ପଞ୍ଜିକରଣ କରିଥିବା ମୋଟ ୪୦ଜଣ ଖେଳାଳି ଯୋଗ ଦେଇଥିଲେ ଓ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଚୟନ କରାଯାଇ ଦୁଇଟି ଦଳ ଗଠନ କରାଯାଇଛି ଓ ଏହି ଦୁଇ ଦଳ ଏବଂ ସିକ୍ରେଟ, ଏମସିଏ, ଉଦଳା ଓ କରଞ୍ଜିଆ କ୍ରିକେଟ କ୍ଲବକୁ ମିଶାଇ ମୋଟ ୬ ଟି ଦଳ ମଧ୍ୟରେ ଫେବୃୟାରୀ୨ ରୁ ୪ ତାରିଖ ପର୍ଯ୍ୟନ୍ତ ୨୦ ଓଭର ବିଶିଷ୍ଟ ପ୍ରିଲିମିନାରୀ ଲିଗ ମ୍ୟାଚ ଖେଳାଯିବ ଓ ଏଥିରୁ ୪ ଟି ଦଳ ଏବଂ ଗତ ବର୍ଷର ଶ୍ରେଷ୍ଠ ୬ ଟି ଦଳକୁ ନେଇ ମୋଟ ୧୦ ଟି ଦଳ ମଧ୍ୟରେ ୬ତାରିଖରୁ ଓସିଏ ଭିଜନ ୨୦୨୪ ଫରମାଟରେ ୫୦ ଓଭର ବିଶିଷ୍ଟ ମ୍ୟାଚ ଖେଳାଯିବ ଓ ଆଜିର ଚୟନ ଶିବିରକୁ ଏସୋସିଏସନର ଉପ ସଭାପତି ମନୋଜ କୁମାର ସାଓ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ସନ୍ତରଣ ଓ ସାଇକେଲିଂ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଅରୁଣ କୁମାର ମହାନ୍ତି, କ୍ରୀଡା ସଂଗଠକ ନିରୋଜ କୁମାର ସାହୁ ତଥା ଚୟନ କର୍ତ୍ତା ସୁବାସ ସାହୁ, କିଶୋର ସ୍ୱାଇଁ, ପ୍ରଭାସ ଘଡେଇ, ସୋମନାଥ ସିଂହ, ଜଗଦୀଶ ମହାକୁଡ଼, ବଳବନ୍ତ ତୁଙ୍ଗ ଓ ଶକ୍ତି ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଟୁର୍ଣ୍ଣାମେଣ୍ଟରୁ ମୟୁରଭଞ୍ଜ ଜିଲ୍ଲା ଜୁନିୟର ଓ ସିନିୟର ଦଳ ପାଇଁ ଖେଳାଳି ଚୟନ କରାଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଦାସଙ୍କ ସୂତ୍ରରୁ ପ୍ରକାଶ ।

## ଜଗା ଦର୍ଶନ କଲେ ଭାବ ବିହ୍ୱଳ ଶ୍ରଦ୍ଧାଳୁ

ପୁରୀ,୦୧/୦୨ (ନି.ପ୍ର): କରୋନା ଜନିତ କଟକଣା ଯୋଗୁଁ ଗତ ଡ଼ିସେମ୍ବର ୧୦ରୁ ଦର୍ଶନରୁ ବଞ୍ଚିତ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନେ ଆଜି ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସାଳ ୬ଟାରୁ କୋଭିଡ୍ କଟକଣା ଓ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆରମ୍ଭ ହୋଇଥିଲା ବହୁପ୍ରତିକ୍ଷିତ ଜଗାଦର୍ଶନ ପ୍ରକ୍ରିୟା। ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରୁ ନିର୍ମିତ ବ୍ୟାରିକେଡ୍ ଦେଇ ଦର୍ଶନାର୍ଥୀମାନେ ସିଂହଦ୍ୱାର ସମ୍ମୁଖରେ ଖୋଲାଯାଇଥିବା କାଉଣ୍ଟରରେ ଦୁଇଡ଼ୋଜ୍ ଟିକା ନେଇଥିବା ପ୍ରମାଣପତ୍ର କିମ୍ବା ୯୬ ଘଣ୍ଟା ଅବଧି ମଧ୍ୟରେ କରୋନା ସଂକ୍ରମିତ ହୋଇନଥିବା ଡ଼ାକ୍ତରୀ ପ୍ରମାଣପତ୍ର ଓ ନିଜ ନିଜର ଆଧାରକାର୍ଡ଼ ଅଥବା ଭୋଟର ପରିଚୟପତ୍ର ଦେଖାଇ ହାତ ସାନିଟାଇଜ୍ କରି କିଓସ୍କରେ ସ୍କାନିଂ ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଦର୍ଶନାର୍ଥୀମାନଙ୍କୁ ଫୁଲ,ଭୋଗ ଓ ଦୀପ ଶ୍ରୀମନ୍ଦିରଭିତରକୁ ନେବାକୁ ଦିଆଯାଇନଥିଲା। ପୁରୀର ବାସିନ୍ଦା ହୋଇଥିବା ପ୍ରମାଣପତ୍ର ଦେଖାଇ ସହରର ଦର୍ଶନାର୍ଥୀମାନେ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ସମସ୍ତ ଦର୍ଶନାର୍ଥୀ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ।

## ଟାଉନ ଥାନାରେ 'କାର୍ଯ୍ୟରତ ଆଇନଜୀବୀ ବ୍ୟବସ୍ଥା' ଆରମ୍ଭ

ବାଲେଶ୍ୱର,୦୧/୦୨ (ନି.ପ୍ର): ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାଲେଶ୍ୱର ଟାଉନ ଥାନାରେ କାର୍ଯ୍ୟରତ ଆଇନଜୀବୀ ବ୍ୟବସ୍ଥା ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଚଳିତ ଫେବୃଆରୀ ମାସ ପାଇଁ ପ୍ୟାନେଲ ଲୟର ଭାବେ ଆଇନଜୀବୀ ଲିଙ୍ଗରାଜ ମହାନ୍ତିଙ୍କୁ ନିୟୋଜିତ କରାଯାଇଛି। ଥାନାକୁ ଗିରଫ ହୋଇ ଆସୁଥିବା ଅଭିଯୁକ୍ତ, ଏତଲାକାରୀ ତଥା ପୀଡ଼ିତାଙ୍କୁ ଆଇନସେବା ପାଇବାକୁ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟଳୟ ରାଜ୍ୟବ୍ୟାପୀ ଏହିଭଳି ବ୍ୟବସ୍ଥା ଲାଗୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଃଶୁଳ୍କ ଆଇନଗତ ପରାମର୍ଶ ଓ ସହାୟତା ପ୍ରଦାନ ଲକ୍ଷ୍ୟରେ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୪୩ ଗିରଫ

ଭୁବନେଶ୍ୱର, ୦୧/୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୪୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୪୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୪୭,୩୫୦ଟଙ୍କ। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ନବେଜ୍ୟାତି ପଟ୍ଟନାୟକଙ୍କ ନିର୍ବାଚନ ପ୍ରଚାର ଆରମ୍ଭ



ବାଲିଆପାଳ, ୦୧/୦୨ (ନି.ପ୍ର): କଂଗ୍ରେସ ନେତା ନବେଜ୍ୟାତି ପଟ୍ଟନାୟକ ଆଜି ବାଲିଆପାଳ ବ୍ଲକର ଚାରୋଟି ଜୋନ ରେ ତ୍ରିସ୍ତରୀୟ ପ ।ୟତ ନିର୍ବାଚନ ପରୀପେକ୍ଷୀରେ ବୈଟକ କରିଛନ୍ତି ।ଚାରୋଟି ଜୋନରେ ପୃଥକ ପୃଥକ ବୈଠକ କରି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଦଳର ସମସ୍ତ ସରପ ଓ ସମିତି ସଦସ୍ୟ ତଥା ଦଳୀୟ କର୍ମୀମାନଙ୍କୁ ନିର୍ବାଚନ ଜିତିବାର ମନ୍ତ୍ର ଫୁଙ୍କିଛନ୍ତି । ବିଶେଷ କରି କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅପରାଗତା ଯୋଗୁଁ ରାଜ୍ୟରେ ତୈଳଦର ଠାରୁ ଅରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ସାଙ୍ଗକୁ ଶାସକ ଦଳର ଦୁର୍ନିତି ଚରମ ସୀମାରେ ପହଂଚିଛି । କଂଗ୍ରେସ ଦଳ ସଦାସର୍ବଦା ସାଧାରଣ ଲୋକଙ୍କ ସହ ରହି ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ସହ ଗ୍ରାମା ଳ ଠାରୁ ଅରମ୍ଭକରି ବାଲିଆପାଳରେ ଦୀର୍ଘବର୍ଷଧରି ଅଟକିରହିଥିବା ବିକାଶ କୁ ସଫଳ ରୂପାୟନ ଦେବାର ପ୍ରତିଶୃତି ନେଇ ଲୋକଙ୍କ ନିକଟକୁ ଯିବାକୁ ଉପସ୍ଥିତ ନେତୃମଣ୍ଡଳୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।ଶ୍ରୀ ପଟ୍ଟନାୟକଙ୍କ ସହ ବ୍ଲକ ଅଧକ୍ଷ ବିଜନ ନାୟକ, ବରିଷ୍ଟ କଂଗ୍ରେସ ନେତା ମୁରଲୀ ମୋହନ ସାହୁ, ରବିନାରାୟଣ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨୧ ନମ୍ବର ଜୋନର ଜିଲ୍ଲାପରିଷଦ ପ୍ରାର୍ଥିନୀ ବିନତା ରାଣୀ ଜେନା,୨୨ ନମ୍ବର ଜୋନର ମୃତ୍ୟୁଞ୍ଜୟ ଧଳ,୨୩ ନମ୍ବର ଜୋନର ଜିଲ୍ଲାପରିଷଦ ପ୍ରାର୍ଥୀ ସୁଶାନ୍ତ କୁମାର ପାତ୍ର,୨୪ ନମ୍ବର ଜୋନର ବାବାଜୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତ ନିର୍ବାଚନ ଲାଗି ଜିଲ୍ଲାସ୍ତରୀୟ ଅଧିକରୀଙ୍କୁ ମାଷ୍ଟର ଟ୍ରେନିଂ

ପୁରୀ,୦୧/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ଲାଗି ଜିଲ୍ଲାସ୍ତରୀୟ ଅଧିକରୀମାନଙ୍କୁ ମାଷ୍ଟର ଟ୍ରେନିଂ ପ୍ରଦାନ କରାଯାଇଛି। ମାଷ୍ଟର ଟ୍ରେନିଂ ନେଇଥିବା ଅଧିକାରୀମାନେ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ତାଲିମ୍ ଦେବା ପରେ ସେମାନେ ପୋଲିଂ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରିବେ। ଏଥିଲାଗି ବ୍ଲକ ସ୍ତରୀୟ ଅଧିକରୀ ବିଡ଼ିଓ,ତହସିଲଦାର ଏବଂ ଅନ୍ୟ ଅଧିକରୀମାନଙ୍କୁ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆସନ୍ତା ୩ ଓ ୪ତାରିଖରେ ତାଲିମ୍ ଦେବେ। ଏହା ପରେ ଆସନ୍ତା ୬ ଓ ୭ତାରିଖରେ ସମ୍ପୃକ୍ତ ବ୍ଲକସ୍ତରରେ ପୋଲିଂ ଓ ପ୍ରିଜାଇଡ଼ିଂ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୬ରେ କୃଷ୍ଣପ୍ରସାଦ,କଣାସ ଓ ବ୍ରହ୍ମଗିରି ବ୍ଲକରେ ମତଦାନ ହେବ। ଉକ୍ତ ନିର୍ବାଚନ ସହିତ ସଂପୃକ୍ତ ଶିକ୍ଷିକ ଶିକ୍ଷୟିତ୍ରୀ,ଅଧିକାରୀ ଓ କର୍ମଚାରୀମାନଙ୍କୁ ବୁଷ୍ଟରଡ଼ୋଜ୍ ପ୍ରଦାନ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ,ମେଡ଼ିକାଲ ଓ ଅନ୍ୟଅଧକାରୀମାନଙ୍କୁ ଜିଲ୍ଲାପାଳ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ଼୍ ନିର୍ଦ୍ଦେଶନାମା ପାଳନ କରି ମତଦାନ ଅନୁଷ୍ଠିତ ହେବ। ପୋଲିଂ ଦଳ ମତଦାନର ଦୁଇଦିନ ପୂର୍ବରୁ ସମ୍ପୃକ୍ତ ମତଦାନ କେନ୍ଦ୍ରରେ ପହଞ୍ଚିବେ। ଏଥିସହିତ ସମ୍ପୃକ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ମତଦାନ କେନ୍ଦ୍ରରେ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ବ୍ଲକ ଶିକ୍ଷାଧିକରୀ ଓ ସିଡ଼ିପିଓମାନଙ୍କୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ୩୮୦୪ଟି ମତଦାନ କେନ୍ଦ୍ର ରହିଛି। ମତଦାନ କାର୍ଯ୍ୟରେ ୬ହଜାର ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ। ଆବଶ୍ୟକୀୟ ବାଲାଟ୍ ବକ୍ସ,ବାଲାଟ୍ ପେପର ଓ ଅନ୍ୟସାମଗ୍ରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସାରିଛି। ଆଜିର ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ସ୍ୱତନ୍ତ ଭୂଅର୍ଜନ ଅଧିକାରୀ କୈଳାଶ ଚନ୍ଦ୍ର ନାୟକ,ତହସିଲଦାର ରବିନ୍ଦ୍ର କୁମାର ପ୍ରଧାନ,ଜିଲ୍ଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର,ଜିଲ୍ଲା ସୂଚନା ବିଜ୍ଞାନ ଅଧିକରୀ ବିଶ୍ୱନାଥ ପଣ୍ଡା,ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟ କୁମାର ପାଣିଗ୍ରାହୀ,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ବିରଜା ଶଙ୍କର ରଥ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତଥିଲେ।

# କେନ୍ଦ୍ରମନ୍ତ୍ରୀ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣା

# ୨ୟ ଥର ପାଇଁ ସାଇଣ୍ଟିଫିକ ଟିମ କଲା ଘଟଣା ସ୍ଥଳରେ ଯାଂଚ



ବାରିପଦା, ୦୧/୦୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣାରେ ଆଜି ୨ୟ ଥର ପାଇଁ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ ସାଇଂଟିଫିକ ଦଳ ସହାୟତାରେ ଘଟଣା ସ୍ଥଳ ପରିଦର୍ଶନ କରି ଯାଂଚ କରିଥିବାର ଜଣା ଯାଇଛି । ସୂଚନା ଅନୁଯାୟୀ ମୟୂରଭଞ୍ଜ ସାଂସଦ ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଦୁଇ ଜଣ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିଥିବା ଘଟଣା ନେଇ ବାରିପଦା ଟାଉନ ଥାନାରେ ୫୦/୨୨ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କେନ୍ଦ୍ରର ଉପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଙ୍କୁ କେନ୍ଦ୍ରମନ୍ତ୍ରୀ କୌଣସି କାର୍ଯ୍ୟକୁ ନେଇ ତକତପୁର ସ୍ଥିତ ତାଙ୍କ ସାଂସଦ ଅଫିସକୁ ଡାକିଥିବା ସମୟରେ ମନ୍ତ୍ରୀ ସରକାରୀ କର୍ମଚାରୀ ଦ୍ୱୟଙ୍କୁ ମାଡ ମାରିଥିବାର ଅଭିଯୋଗ ହୋଇଥିଲା । ତେବେ ମନ୍ତ୍ରୀଙ୍କ ବୟାନ ନିଆଯାଇ ନଥିବା ବେଳେ, ଅଭିଯୋଗ କାରୀ ଏବଂ ସାକ୍ଷୀ ମାନଙ୍କର ବୟାନ ରେକର୍ଡ କରାଯାଇଥିବା ସହିତ ଆବଶ୍ୟକୀୟ ଆନୁସଙ୍ଗିକ ଜିନିଷ ତଥା କର୍ମଚାରୀ ଦ୍ୱୟଙ୍କ ସେହି ସମୟର ଯିବା ଆସିବା ବାବଦରେ ସଠିକ ତଥ୍ୟ ପ୍ରମାଣ ହାସଲ ନିମନ୍ତେ ନିକଟସ୍ଥ ଅଂଚଳରେ ଥିବା ସି.ସି.ଟିଭି ଫୁଟେଜ ଆଧାର ରେ ଯାଂଚ ପ୍ରକ୍ରିୟା ଅଗ୍ରାଧିକାର ଭିତିରେ ଚାଲିଥିବାର ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି କହିଛନ୍ତି । ଏହି ମାମଲାର ତଦନ୍ତ ନିମନ୍ତେ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଉଚ୍ଚ ସ୍ତରୀୟ ତଦନ୍ତକାରୀ ଟିମ ଗଠନ ହୋଇ ଥିବାର ଜଣା ଯାଇଛି । ଏହିଟିମରେ ଅତିରିକ୍ତ ଏସପି, ବାରିପଦା ଏସଡିପିଓ, ବାରିପଦା ଟାଉନଥାନା ଅଧିକାରୀ ପ୍ରମୁଖ ରହିଥିବାର ଜଣା ଯାଇଛି ।

# ସମାଜସେବୀ ବିଶ୍ୱନାଥ ରଣାଙ୍କ ପରଲୋକ



ବାଲେଶ୍ୱର,୦୧/୦୨ (ନି.ପ୍ର): ବିଶିଷ୍ଟ ସମାଜସେବୀ, ସୁଲେଖକ ବିଶ୍ୱନାଥ ରଣାଙ୍କର ସୋମବାର ମଧ୍ୟରାତ୍ରରେ ହୃଦଘାତ କାରଣରୁ ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା ପରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ବାଲେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ଦାମୋଦରପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ରାଧାରାଣୀ ରଣା ଓ ପୁତ୍ର ଭୁବନ ଭୂଷଣ ଉପସ୍ଥିତ ଥିଲେ। ଅନ୍ୟ ଦୁଇପୁତ୍ର ଭାରତ ଭୂଷଣ ଓ ବିନୟ ଭୂଷଣ ବିଦେଶରୁ ପହଞ୍ଚିବା ପରେ ଆସନ୍ତାକାଲି ବୁଧବାର ଶେଷକୃତ୍ୟ ସଂପନ୍ନ ହେବ। ସେ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ପଦରୁ ଅବସର ନେବା ପରେ ବିଭିନ୍ନ ସଙ୍ଗଠନ ସହ ଯୋଡ଼ି ହୋଇ ଯାଇଥିଲେ। ଅବସର ପରେ ବାଲେଶ୍ୱରରେ ସେ ଓକିଲାତି ମଧ୍ୟ କରୁଥିଲେ। ଜିଲାର ଐତିହାସିକ ଘଟଣାବଳୀ ଉପରେ ତାଙ୍କର ବହୁ ଲେଖା ପତ୍ର ପତ୍ରିକାରେ ପ୍ରକାଶ ପାଇଛି। ସେ ଫକୀରମୋହନ ସାହିତ୍ୟ ପରିଷଦ, ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ସରକାରୀ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି, ଜିଲ୍ଲା ରକ୍ତଦାତା ସଂଘ ପ୍ରଭୃତି ସଂଗଠନରେ ସକ୍ରିୟ ସଦସ୍ୟ ଥିଲେ। ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସେ ସାଧାରଣ ସଂପାଦକ ଦାୟିତ୍ୱ ତୁଲାଉଥିଲେ। ଜଣେ ଅମାୟିକ, ମେଳାପୀ ତଥା ଦରଦୀ ମଣିଷ ଭାବେ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo